# ନିର୍ବାଚନ ପ୍ରାଧିକୃତ ଅଧିକାରୀଙ୍କୁ ତାଲିମ

ରାୟଗଡ଼ା,୧୨।୧(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ଅଧକ୍ଷତାରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ପ୍ରତ୍ୟେକ ବ୍ଲକ/ପୌରାଞ୍ଚଳ/ଗ୍ରାମପଞ୍ଚାୟତସ୍ତରରେ ମତଦାତାଙ୍କୁ ସଚେତନ କରିବା ଲାଗି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭ୍ରମଣ କରିବାକୁ ଥିବା ୧୩ଟି ମୋବାଇଲ ପ୍ରଦର୍ଶନ ଭ୍ୟାନ ଏବଂ ଜିଲା ସଦର ମହକୁମା/ଉପଖଣ୍ଡ ସ୍ତରରେ ପରିଚାଳିତ ହେବାକୁ ଥିବା ୩ଟି ଇଭିଏମ୍ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ନିମନ୍ତେ ନିୟୋଜିତ ସମସ୍ତ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ଡେପୁଟି ଜିଲାପାଳ (ନିର୍ବାଚନ) ସୁଶ୍ରୀ ସୂର୍ଯ୍ୟମଣି ଭୋଇ, ସୁଶ୍ରୀ ପ୍ରଜ୍ଞା ପରମିତା, ମୃତ୍ୟୁଞ୍ଜୟ ବରାଳ, ସହକାରୀ ଜିଲାପାଳ (ନିର୍ବାଚନ) ସମସ୍ତ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସ୍ୱାଧାଦେବ ସିଂଙ୍କ ଦ୍ୱାରା ଇଭିଏମ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା ।

# କପାଚାଷୀଙ୍କ ସମସ୍ୟା ନେଇ ଗର୍ଜିଲା କୃଷକ ସଙ୍ଗଠନ

## ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ରାୟଗଡ଼ା,୧୨।୧(ଭାଗ୍ୟଶ୍ରୀ ମିଶ୍ର )



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କପାଚାଷୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାୟଗଡ଼ା ଜିଲା କପାର ସ୍ୱତନ୍ତ୍ର ଚାହିଦା ରହିଥିବା ସତ୍ତ୍ୱେ ଚାଷୀ କପା ବିକ୍ରି କରିବାରେ ମଣ୍ଡିରେ ବିଭିନ୍ନ ସମସ୍ୟା ଏବଂ ଚାଷୀ ଉପଯୁକ୍ତ ଦର ପାଉ ନ ଥିବା ଯୋଗୁ ବହୁ କ୍ଷତିର ସମ୍ମୁଖୀନ ହେଉଛି । ଏହାର ପ୍ରତିବାଦରେ ଓଡ଼ିଶା କୃଷକ ସଭା ରାୟଗଡ଼ା ଜିଲା ଶାଖା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ଲାଚିଗା ଜାକାକାଙ୍କ ନେତୃତ୍ୱରେ ଶତାଧିକ କପାଚାଷୀ କପିଳାସ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଆସିଥିଲେ। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ ଦାବିପତ୍ର ଗ୍ରହଣ କରି ଚାଷୀଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

କପାଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ କିମ୍ବା ଋଣ ବ୍ୟବସ୍ଥା ନ ଥିବାରୁ ଚାଷୀ ବାଧ ହୋଇ ଚଢ଼ା ସୁଧରେ ସାହୁକାରଠାରୁ ଋଣ ଆଣି ଚାଷ କରୁଛନ୍ତି। ହେଲେ କପା ବିକ୍ରି ପାଇଁ ସରକାରୀ ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ବାହାର ବ୍ୟବସାୟୀ ଏବଂ ଦଲାଲଙ୍କୁ ବିକ୍ରିକରି ଅଭାବୀ ବିକ୍ରିର ଶିକାର ହେଉଥିବା ଓଡ଼ିଶା କୃଷକ ସଭା ଅଭିଯୋଗ କରିଛି। ଜିଲାର କପାଚାଷୀଙ୍କ ସ୍ୱାର୍ଥ ପାଇଁ ଦାବିପତ୍ରରେ କେତେକ ଦାବି ଉଲ୍ଲେଖ କରାଯାଇଛି। ସେଗୁଡ଼ିକ ହେଲା ସରକାର କପା ମଣ୍ଡି ଜରିଆରେ କ୍ରୟ ଦର କୁଇଣ୍ଟାଲ ପ୍ରତି ୧୫୦୦୦ ଟଙ୍କା ଦରରେ ସମସ୍ତ ଚାଷୀଙ୍କଠାରୁ କିଣନ୍ତୁ ଏବଂ ବିକ୍ରିର ଏକ ସପ୍ତାହ ମଧ୍ୟରେ ଚାଷୀଙ୍କୁ ବିକ୍ରିଧନ ପ୍ରଦାନ କରାଯାଉ, ସାର, ବିହନ, କୀଟନାଶକ ଆଦି ରିହାତି ଦରରେ ଯୋଗାଇ ଦିଆଯାଉ। ସାର କଳାବଜାର କରୁଥିବା ବ୍ୟବସାୟୀଙ୍କୁ କଠୋର ଦଣ୍ଡ ଦିଆଯାଉ। ସେହିପରି କପା ବ୍ୟବସାୟରେ ଥିବା ଦଲାଲ ଓ ମଧ୍ୟସ୍ଥଙ୍କୁ ଦଣ୍ଡ ଦିଆଯିବା ସହ କପା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଋଣ ଛାଡ଼ କରାଯିବାକୁ ଦାବି ହୋଇଛି। ସେହିପରି ଚାଷୀଙ୍କୁ ସ୍ୱଳ୍ପ ସୁଧରେ ଦୀର୍ଘ ମିଆଦୀ ସରକାରୀ ଋଣ ପ୍ରଦାନ କରାଯିବା, ଚାଷଜମିର ଜଳସେଚନ ନିମନ୍ତେ ବ୍ୟବସ୍ଥା କରାଯିବା, ବନ୍ୟା, ମରୁଡ଼ିର ପ୍ରତିକାର ସହ ବାର୍‌ହା ଓ ଅନ୍ୟ ବନ୍ୟଜନ୍ତୁ ଆକ୍ରମଣ ଯୋଗୁ କ୍ଷତିଗ୍ରସ୍ତ ଫସଲର କ୍ଷତିପୂରଣ ଦିଆଯିବାକୁ ଦାବି ହୋଇଛି। ଚାଷୀ ବର୍ଷ ବର୍ଷ ଧରି ଚାଷ କରୁଥିବା ଜଙ୍ଗଲ ଜମିପଟ୍ଟା ଦିଆଯିବା ଏବଂ ସରକାରୀ ମଣ୍ଡିରେ କପା କ୍ରୟ କରାଯାଉ ବୋଲି ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଉପ ସଭାପତି ମୂର୍ତ୍ତି ମାଣ୍ଡିଆକା, ସମ୍ପାଦକ କୈଳାସ ମାଣ୍ଡିଆକା, ମାନୁ ସିକାକା, ଗଜେନ୍ଦ୍ର ହୁଇକାଙ୍କ ସମେତ ଶତାଧିକ କପାଚାଷୀ ଉପସ୍ଥିତ ଥିଲେ।

# ଚିକିତ୍ସାଳୟରେ ପୀଡ଼ିତାଙ୍କୁ ଭେଟିଲେ ବିଜୟ

## ନୂଆ-ଓ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଘଟଣା

ରାୟଗଡ଼ା,୧୨।୧(ଆଶିଷ ରଞ୍ଜନ ପଣ୍ଡା)

ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଯୋଗୁ ସୃଷ୍ଟି ହୋଇଥିବା ଅଘଟଣକୁ କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ କଡ଼ା ଭାଷାରେ ନିନ୍ଦା କରିଛନ୍ତି । ବିଜୟ ପଟ୍ଟନାୟକ ଶୁକ୍ରବାର ଦିନିକିଆ ରାୟଗଡ଼ା ଗସ୍ତରେ ଆସି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ରାୟଗଡ଼ା ମହିଳା ମହାବିଦ୍ୟାଳୟ ଛାତ୍ରୀ ଦୀପାଞ୍ଜଳି ନାୟକ ଓ ଗୁଣପୁର ଥାୟାରାମ୍ମା ମହିଳା ମହାବିଦ୍ୟାଳୟ ଛାତ୍ରୀ ମେନକା ଶବରଙ୍କୁ ଭେଟିଥିଲେ। ପରେ ଉଭୟ ଛାତ୍ରୀଙ୍କ ପରିବାରକୁ ସାକ୍ଷାତ କରି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଯୋଗଦେବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ କିଏ ନିର୍ଦ୍ଦେଶ ଦେଇଥିଲା ଏବଂ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଏଭଳି ଅଘଟଣ ପାଇଁ କିଏ ଦାୟୀ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଶଙ୍ଖ ଚିହ୍ନକୁ ବ୍ୟବହାର କରାଯାଇଥିଲା। ଏ ନେଇ ନିର୍ବାଚନ କମିଶନରଙ୍କୁ ଅବଗତ କରାଯିବ ବୋଲି ବିଜୟ ସୂଚନା ଦେଇଛନ୍ତି। ଏପରିକି କଲେଜ ଅଧକ୍ଷମାନଙ୍କ ନାମରେ ମାମଲା ରୁଜୁକରିବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଜୟଙ୍କ ଏହି ଗସ୍ତ ସମୟରେ ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ବରିଷ୍ଠ ନେତା ଆପଲସ୍ୱାମୀ କାଡ୍ରାକା, ଯୁବନେତା ସତ୍ୟଜିତ ଗମାଙ୍ଗ, ଅସଲମ ଖାନ, ଭୂଷଣ ବିଡ଼ିକା ଓ ଅଂଶୁମାନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଜୟ ପଟ୍ଟନାୟକଙ୍କ ସହ କଂଗ୍ରେସ ନେତାମାନେ।

# ବିପିଏଲ୍ ହିତାଧିକାରୀଙ୍କଠାରୁ ଟିକସ ଆଦାୟକୁ ବିରୋଧ

ମୁନିଗୁଡ଼ା, ୧୨।୧(ରାଧେଶ୍ୟାମ ଅଗ୍ରୱାଲ)

ବିପିଏଲ୍ ଶ୍ରେଣୀର ଗରିବ ଆଦିବାସୀ, ହରିଜନ, ବୟସ୍କ ଲୋକଙ୍କ ପାଇଁ ସରକାର ଟଙ୍କିକିଆ ଚାଉଳ ପ୍ରଦାନ ବ୍ୟବସ୍ଥା କରିଥିବାବେଳେ ମୁନିଗୁଡ଼ା ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ମୁନିଗୁଡ଼ା ଗ୍ରାମପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ପାଇଁ ଗୋଟିଏ ରାଶନ କାର୍ଡ ପିଛା ପ୍ରତ୍ୟେକ ହିତାଧିକାରୀଙ୍କଠାରୁ ୪୦ଟଙ୍କା ବିନା କୌଣସି ରସିଦରେ ଆଦାୟ କରାଯାଉଥିଲା। ହିତାଧିକାରୀମାନେ ଏହାକୁ ବିରୋଧ କରିବା ପରେ ଟିକସ ଆଦାୟ ବନ୍ଦ କରାଯାଇଛି। ମୁନିଗୁଡ଼ାରେ ରାସ୍ତା ଆଲୁଅ, ଜଳ ଯୋଗାଣ, ରାସ୍ତା ସଫା ପାଇଁ ଏହି ଅର୍ଥ ଆଦାୟ କରାଯାଉଥିବା ମୁନିଗୁଡ଼ା ପଞ୍ଚାୟତ ଅଧିକାରୀ ସୁନୀଲ ଯାଦବ କହିଛନ୍ତି। ରାଜ୍ୟ ସରକାର ସବୁ କାମ ପାଇଁ ଆର୍ଥିକ ଅନୁମୋଦନ କରୁଥିବାବେଳେ ଗରିବଠାରୁ କାହିଁକି ଆଦାୟ କରାଯାଉଛି ବୋଲି ପ୍ରଶ୍ନରେ କିଛି ଉତ୍ତର ଦେଇ ନ ଥିଲେ। ମୁନିଗୁଡ଼ାରେ ୪୬୦୦ ବିପିଏଲ୍ ଖାଉଟି କାର୍ଡ ରହିଥିବାବେଳେ ପ୍ରାୟ ଅଧାରୁ ଅଧିକ ଖାଉଟିଙ୍କଠାରୁ ଟିକସ ଆଦାୟ କରାଯାଇଛି। ପ୍ରବଳ ବିରୋଧ ପରେ ଏବେ ଆଦାୟ ଅର୍ଥ ଫେରସ୍ତ କରାଯିବା ନେଇ ଚର୍ଚ୍ଚା ଚାଲିଛି।

# ପୁଣି ଭାରରେ ବୁହାହେଲେ ଗର୍ଭବତୀ

## ଥମୁନି ଜନନୀ ଯନ୍ତ୍ରଣା

ରାୟଗଡା,୧୨।୧ (ଆଶିଷ ରଞ୍ଜନ ପଣ୍ଡା)

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଆଦିବାସୀ ଅଧୁଷିତ ରାୟଗଡ଼ା ଜିଲାରେ ଆଜି ବି ଥମୁନି ଜନନୀ ଯନ୍ତ୍ରଣା । ଜିଲାରେ ଏଭଳି ଅନେକ ଗ୍ରାମ ରହିଛି, ଯେଉଁଠି ଆଜି ବି ଗାଁକୁ ଯିବାକୁ ରାସ୍ତା ନାହିଁ । ଗାଁକୁ ପକ୍କା ରାସ୍ତା ନ ଥିବାରୁ ପହଞ୍ଚି ପାରିଲାନାହିଁ ଆମ୍ବୁଲାନ୍ସ। ଫଳରେ ଖଟିଆରେ ବୋହିକି ଆଣିବା ବେଳେ ଅଧା ବାଟରେ ପ୍ରସବ କଲେ ମହିଳା। ଏଭଳି ଘଟଣା ଦେଖିବାକୁ ମିଳିଛି କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର ଦୁର୍ଗମ ନିୟମଗିରି ପାହାଡ଼ରେ ଥିବା ଫାକେରି ଗ୍ରାମରେ।

ସୂଚନା ଅନୁଯାୟୀ, ଫାକେରି ଗ୍ରାମର ମିଶ୍ର ସିକକାଙ୍କ ସ୍ତ୍ରୀ ହୁଣ୍ଡାଇ ସିକକାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଉକ୍ତ ଗାଁକୁ ପକ୍କାରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚିପାରି ନ ଥିଲା । ଫଳରେ ପରିବାର ଲୋକେ ଏବଂ ଗ୍ରାମବାସୀ ଏକ ଖଟିଆରେ ହୁଣ୍ଡାଇଙ୍କୁ ଆଣିବାବେଳେ ଗାଁଠାରୁ ଅଧ କି.ମି. ଦୂର ଅଧାବାଟରେ ସେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଏହା


ଭାରରେ ଗର୍ଭବତୀଙ୍କୁ ନିଆଯାଉଛି।

ଦୁର୍ଗମ ଅଞ୍ଚଳ ହୋଇଥିବାରୁ ରୋଗୀବୁହା କର୍ମଚାରୀମାନେ ଚାଲିଚାଲି ଘଟଣାସ୍ଥଳରେ ପହଞ୍ଚିଥିଲେ । ପରେ ସ୍ୱାମୀ ମିଶ୍ର ସିକକା ଓ ୩ ଆମ୍ବୁଲାନ୍ସ କର୍ମଚାରୀ ଦୁର୍ଗାପ୍ରସାଦ ଜେନା, ଡ୍ରାଇଭର ହିମିରିକା ରବି ଓ ହେଲ୍‌ପର ସୀମାଞ୍ଚଳ ସାହୁକାର, ଦୀର୍ଘ ୩ କି.ମି. ବୋହି ପ୍ରସୂତୀଙ୍କୁ ଆମ୍ବୁଲାନ୍ସ ପାଖକୁ ଆଣିବା ପରେ ସ୍ଥାନୀୟ କଲ୍ୟାଣସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ମା' ସୁସ୍ଥ ଥିବା ବେଳେ ନବଜାତ ଶିଶୁକନ୍ୟାର ଓଜନ କମ୍ ଥିବାରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଡାକ୍ତର ସତ୍ୟ ଦାସ ଓ ପ୍ରମୋଦ ମିଶ୍ର କହିଛନ୍ତି।

# ମୈତ୍ରୀ କମ୍ପାନୀ କର୍ମଚାରୀଙ୍କୁ ଆକ୍ରମଣ, ୩ ଗୁରୁତର

ଟିକିରି,୧୨।୧( ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ଥାନା ଅନ୍ତର୍ଗତ ଶାରାମବାଇ ଛକଠାରେ ମୈତ୍ରୀ କମ୍ପାନୀ କର୍ମଚାରୀଙ୍କ ଗାଡି ଅଟକାଇ କିଛି ଦୁର୍ବୃତ୍ତ ମରଣାତ୍ମକ ଆକ୍ରମଣ କରିବାରୁ ୩ ଜଣ ଆହତ ହୋଇଛନ୍ତି। ଜଣେ କର୍ମଚାରୀଙ୍କୁ ଗୁରୁତର ଅବସ୍ଥାରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ୨ ଜଣ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି । ଏ ନେଇ କମ୍ପାନୀ ପକ୍ଷରୁ କାଶୀପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି।

ସୂଚନାଯୋଗ୍ୟ, ଶୁକ୍ରବାର ମୈତ୍ରୀ କମ୍ପାନୀ ଜିଏମ୍ ସିଏଚ ବୋଷ ଓ ଲୋକସମ୍ପର୍କ ଅଧିକାରୀ ପୃଷ୍ଟି ଦୁରିଆ କୌଣସି କାମରେ ଗାଡି ଯୋଗେ ସିଜିମାଳି ହୋଇ କାଶୀପୁର ଫେରୁଥିଲେ। ମଧ୍ୟାହ୍ନ ପ୍ରାୟ ୨ ଟାରେ ପ୍ରାୟ ୨୦ ଜଣ ଯୁବକ ବାଇକ ଯୋଗେ ଆସି ଗାଡିକୁ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ସେମାନେ ଗାଡିକୁ ଭଙ୍ଗାରୁଜା କରିବା ସହ ଡ୍ରାଇଭର ନବକୁମାର ଗୌଡ଼, ଜିଏମ ସିଏଚ ବୋଷ ଓ ପୃଷ୍ଟି ଦୁରିଆଙ୍କୁ ମାଡ ମାରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଖବରପାଇ ଘଟଣାସ୍ଥଳରୁ ୩ କର୍ମଚାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରକାଶ ଥାଉକି, ଗତ ୨ ଦିନ ହେଲା କଣ୍ଟାମାଲଠାରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କଞ୍ଚେଲେଖା ଓ ମେଲଘରା ଗ୍ରାମର ଲୋକଙ୍କୁ ଆକ୍ରମଣ କରାଯାଇଥିବା ନେଇ କାଶୀପୁର ଥାନାରେ ଅଭିଯୋଗ ହୋଇଛି । ବାରମ୍ବାର ଏଭଳି ଆକ୍ରମଣ ହେଉଥିବାରୁ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

# ମା' ମାଣିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟ ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

ଦୁର୍ଗୀ, ୧୨।୧ (ଶିଶିର କୁମାର ପାତ୍ର)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ପଞ୍ଚାୟତରେ ଶୁକ୍ରବାର ମା' ମାଣିକେଶ୍ୱରୀ କ୍ରିକେଟ (ଏମ୍‌ସିସି) ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ତଥା ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଏସ୍‌ଡିସି ଅଧକ୍ଷା ଅନସୂୟା ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ରାୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସ ଓ ଦୁର୍ଗୀ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟା ବିଜୟାଶାନ୍ତି କୁମୁରିକା ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଗୁଡାରି ଦଳ ସହ ଫ୍ୟୁଜନ ୧୧ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଛି। ତପନ ମହାପାତ୍ର ଓ ସାଗର ଗୌଡ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ମୁନିଗୁଡ଼ା,୧୨।୧(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ସଦର ମହକୁମାରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି କେଶବ ସାହୁକାର ଓ ସମ୍ମାନିତ ଅତିଥିଭାବେ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ୩ ଦିନ ବ୍ୟାପି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସ୍କସ ଥ୍ରୋ, ସଟପୁଟ ଥ୍ରୋ, ମ୍ୟୁଜିକ ଚେୟାର ଆଦି ଅନେକ ପ୍ରକାର ଖେଳର ପ୍ରତିଯୋଗିତା ହୋଇଥିଲା। ମୋଟ ୩୬ଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ଓ କ୍ରୀଡାବିତଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

# ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

## ରାଷ୍ଟ୍ରୀୟ ଯୁବ ଦିବସ ପାଳିତ

ଗୁଣପୁର,୧୨।୧(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁରର ବିଭିନ୍ନ ଅନୁଷ୍ଠାନରେ ଶୁକ୍ରବାର ରାଷ୍ଟ୍ରୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏବିଭିପି ପକ୍ଷରୁ ଗୁଣପୁର କଲେଜସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଯୁବଗୋଷ୍ଠୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରାଯାଇଥିଲା। କଲେଜ ଅଧକ୍ଷ ଶଶୀଭୂଷଣ ମହାନ୍ତି, ଡ. ସୂର୍ଯ୍ୟନାରାୟଣ ପଣ୍ଡା, ନଗର ସଭାପତି ଲକ୍ଷ୍ମୀ ମହାଙ୍କୁଡ, ପ୍ରଫୁଲ୍ଲ ଲିମା, ଶେଷସାୟୀ ସେନାପତି, ଉମା ଶଙ୍କର ଦାସ, କବି. ସତିଶ କୁମାର, ସାଇ ପାଣିଗ୍ରାହୀ, ଦେବାଶିଷ ସେନାପତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୁଣପୁର ସରସ୍ୱତୀ ଶିଶୁ ବଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବ ଛାତ୍ର ପରିଷଦ ସମ୍ପାଦକ ଭେଙ୍କେଟ ସିମାଦ୍ରି ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ, ଅନୁଷ୍ଠାନର


ଗୁଣପୁର କଲେଜସ୍ଥିତ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ନିକଟରେଉପସ୍ଥିତ ଛାତ୍ରୀଛାତ୍ର।

ସଭାପତି ବି.ଗଜପତି ରାଓ,କୋଷାଧକ୍ଷ ପି.ଗୋବିନ୍ଦରାଓ ଉପସ୍ଥିତ ଥିଲେ। ଗାନ୍ଧୀ ପବ୍ଲିକ ସ୍କୁଲରେ ମଧ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ହୋଇଥିଲା। ଗୁଣପୁର ବିବେକାନନ୍ଦ କନ୍ୟା କୁମାରୀ ଶାଖାର ପ୍ରତିଭା ରଥ, ରାଜେଶ ପୃଷ୍ଟି, ଜଗନ୍ନାଥ ପଟ୍ଟନାୟକ, ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ.ଜଗଦିଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗାୟତ୍ରି ଫାର୍ମାସି କଲେଜରେ ମଧ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ସେହିପରି ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଏନଏସଏସ ପକ୍ଷରୁ ଯୋଗ ଶିବିର ଆୟୋଜନ କରାଯାଇ ଥିଲା। ବିଶ୍ୱବିଦ୍ୟାଳୟର କୁଳପତି ଡ. ଏ.ଭି.ଏନ.ଏଲ ଶର୍ମା, ସ୍କୁଲ ଅଫ ଇଞ୍ଜିନିୟରିଂର ଡିନ ଏ.ବି. ଶ୍ରିନିବାସ ରାଓଯୋଗଦେଇଥିଲେ। ଯୋଗ ଶିବିରରେ ହରିଦ୍ୱାରସ୍ଥିତ ଦେବ ସଂସ୍କୃତ ବିଶ୍ୱବିଦ୍ୟାଳୟର ଛାତ୍ର କହ୍ନେୟାଲାଲ ଦେବଙ୍ଗ, ଧନଞ୍ଜୟ କୁମାର, ଆଦିତ୍ୟ ରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଯୋଗ ଶିକ୍ଷା ଦେଇଥିଲେ।

# ଓପନ ଜିମ୍ ନିର୍ମାଣ ପାଇଁ ପଡ଼ିରହିଛି ଅନୁଦାନ

## ଆରମ୍ଭ ହେଉନି ଟେଣ୍ଡର ପ୍ରକ୍ରିୟା

ବିଷମକଟକ, ୧୨।୧ (ବିଭୂତି ଭୂଷଣ ନାୟକ)

ରାଜ୍ୟ ସରକାର କ୍ରୀଡ଼ା ଏବଂ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ଗ୍ରାମ ପଞ୍ଚାୟତସ୍ତରରେ ଷ୍ଟାଡିୟମ ନିର୍ମାଣ ସାଙ୍ଗକୁ ଓପନ ଜିମ୍, ବ୍ୟାୟାମ ଶାଳା, ୱାକିଂ ପାଥ ନିର୍ମାଣ ପାଇଁ ଅନୁଦାନ ରାଶି ପ୍ରଦାନ କରୁଛନ୍ତି । ହେଲେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ଅନୁଦାନ ରାଶି ଆସିଥିଲେ ମଧ ଏହି ଅର୍ଥକୁ ବିନିଯୋଗ କରାଯାଉନାହିଁ। ଫଳରେ ଲୋକେ ଏହାର ସୁବିଧା ସୁଯୋଗ ପାଇପାରୁ ନ ଥିବା ଅଭିଯୋଗ ହେଉଛି।

୨୦୨୦ ଆର୍ଥିକ ବର୍ଷରେ ରାଜ୍ୟ ସରକରଙ୍କ କ୍ରୀଡ଼ା ବିକାଶ କେନ୍ଦ୍ର ତରଫରୁ ଓପନ ଜିମ୍ ସ୍ଥାପନ ନିମନ୍ତେ ୧୫ଲକ୍ଷ ଟଙ୍କାର ଅନୁଦାନ ରାଶି ବିଷମକଟକ ବ୍ଲକ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି। ଅନୁଦାନ ଆସିବାର ୪ବର୍ଷ ବିତିଯାଇଥିଲେ ମଧ ଅଦ୍ୟାବଧି ଜିମ୍ କାର୍ଯ୍ୟ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ଜିମ୍ ନିମନ୍ତେ ଆସିଥିବା ଅନୁଦାନ ପାଣ୍ଠିକୁ ଟେଣ୍ଡର ନ କରି କାମ ହାତେଇବା ନିମନ୍ତେ ରାଜନୈତିକ ନେତାମାନେ ଚାପ ପକାଇ ୭୯୩୯୧୭ ଟଙ୍କା ଏବଂ ୭୦୬୦୩୩ ଟଙ୍କାର ଦୁଇଟି ଫାଇଲ ଖୋଲି ଟଙ୍କା ଆତ୍ମସାତ୍ କରିବାର ଯୋଜନା ଚଳାଇଥିଲେ। ହେଲେ କ୍ରୀଡ଼ା ବିକାଶ କେନ୍ଦ୍ର ଟେଣ୍ଡର ମାଧ୍ୟମରେ ଏହି ଜିମ ନିର୍ମାଣ କରିବା ନିମନ୍ତେ କଡ଼ା ନିର୍ଦ୍ଦେଶ ରହିଥିବାରୁ ଏହି ୨ଟି ଫାଇଲରେ କାର୍ଯ୍ୟ କରିବା ଯୋଜନା ପଣ୍ଡ ହୋଇଗଲା । ସେବେଠାରୁ ବ୍ଲକ୍ ପ୍ରଶାସନ ତରଫରୁ ଟେଣ୍ଡର ପ୍ରକ୍ରିୟା ନିମନ୍ତେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ବିଷମକଟକବାସୀ ଓପନ ଜିମ୍‌ର ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି । ଜିମ୍ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ଜିଲାପାଳଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ କାହିଁକି ଟେଣ୍ଡର ଡକାଯାଉନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ ତ୍ରିପାଠୀଙ୍କୁ ପଚାରିବାରୁ ପୂର୍ବରୁ ଏହି କାର୍ଯ୍ୟ ପାଇଁ ଖୋଲାଯାଇଥିବା ଫାଇଲ ରଦ୍ଦ କରିବା ନିମନ୍ତେ ଜିଲାପାଳ କାର୍ଯ୍ୟାଳୟକୁ ପତ୍ର ପ୍ରେରଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଦ୍ଦେଶ ହସ୍ତଗତ ହୋଇନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶ ମିଳିବା ପରେ ଖୋଲାଯାଇଥିବା ୨ଟି ଫାଇଲ ରଦ୍ଦ କରିବା ସହ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ରାୟଗଡା,୧୨।୧ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ଜିଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ଅତିରିକ୍ତ କାର୍ଯ୍ୟନିର୍ବାହୀ ନରେନ୍ଦ୍ର ନାଏକ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଗତ ବର୍ଷର କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ସେଦିନ ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୂନ ପରିବେଷଣ କରାଯିବ । ସକାଳ ୭.୩୦ରୁ ୮ଟା ମଧ୍ୟରେ ପ୍ରତ୍ୟେକ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ସେହିପରି ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଜିଲା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଉତ୍ସବରେ ସକାଳ ୮.୩୦ମିନିଟ୍‌ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ପରେଡ ପଡ଼ିଆରେ ବାରିକେଡ୍ ଲଗାଇବା ପାଇଁ ପୂର୍ତ୍ତ ବିଭାଗ ସହ ଅନ୍ୟ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା । ଏହି ଦିବସ ପାଳନ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରୋଗୀ, ଉପ କାରାଗାର, ସେବା ସମାଜ, ସୁଧାର ଗୃହର ଅନ୍ତେବାସୀ ଏବଂ ବରିଷ୍ଠ ନାଗରିକଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ । ବୈଠକରେ ସୁଦାମ ଚରଣ ମଲ୍ଲିକ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ପୋଲିସ ରିଜର୍ଭ ଇନ୍ସପେକ୍ଟରଙ୍କ ପ୍ରତିନିଧି ବିଦେଶୀ ବିଶୋଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।


ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଇଡିତାଲ, କାପଡ଼ାଗାନ୍ଧାର ପ୍ରଚାର ଉପରେ ଗୁରୁତ୍ୱ

## ବସନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି

ଗୁଣପୁର,୧୨।୧(ପ୍ରଦୀପ କୁମାର ପାଢ଼ୀ )

ରାୟଗଡା ଜିଲା ଗୁଣପୁରର କାନ୍ୟାକା ପରମେଶ୍ୱରୀ ମନ୍ଦିର ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅକ୍ଷୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗତବର୍ଷର ଆୟବ୍ୟୟର ବିବରଣୀ ସହ ଗତ ୭ ବର୍ଷର ଅଡିଟ ରିପୋର୍ଟ ଦାଖଲ କରାଯାଇଥିଲା। ଜାନୁଆରୀ ୨୮ରୁ ମେଗା କ୍ରୀଡା ଉତ୍ସବ, ଫେବୃଆରୀ ୮ ରୁ ୧୪ ସାଂସ୍କୃତିକ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ରାଜ୍ୟସ୍ତରୀୟ ବଂଶଧାରା କପ୍ କ୍ରିକେଟ ଟର୍ନାମେଣ୍ଟକୁ ଉତ୍ସବ ଚାଲିବା ସମୟରେ ଅନୁଷ୍ଠିତ କରାଯିବାକୁ ଆଲୋଚନା ହୋଇଥିଲା । ଏଥର କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ଆଦିବାସୀ ମେଳା ଆୟୋଜନ କରାଯିବା ସହ ଇଡିତାଲ ଓ କାପଡ଼ାଗାନ୍ଧାକୁ ଅଧିକ ପ୍ରଚାର ପ୍ରସାର



ପ୍ରସ୍ତୁତି ବୈଠକରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ଚଳିତ ଥର ନୂଆ ବ୍ୟକ୍ତିମାନଙ୍କୁ ନେଇ କମିଟି ପୁନଃଗଠନ ହୋଇଥିଲା । କାର୍ଯ୍ୟକାରୀ ସଭାପତି ଭାବେ ଆଇନଜୀବୀ ଏସ. ବାବା ପ୍ରସାଦ, ସଂଯୋଜକ ବି. ସତିଶ କୁମାରଙ୍କ ସମେତ ଇନ୍ଦ୍ରାକ୍ଷୀ ଦାସ, ପ୍ରଦୀପ ପାଢୀ, ରମେଶ ଲିମା, ହାଡିଆ ଶବର, ମୀନକେତନ ନାଗ, ଶକ୍ତି ଦାସ, ପ୍ରମୋଦ ଦାସ, ଶିବ ପାଢୀ, ଲକ୍ଷ୍ମୀ ମହାଙ୍କୁଡଙ୍କୁ ସହ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ସେହିପରି ଆଦିବାସୀ ବ୍ୟକ୍ତିଙ୍କୁ ନେଇ ରାମଚନ୍ଦ୍ର ଗମାଙ୍ଗଙ୍କ ନେତୃତ୍ୱରେ ଏକ କମିଟି ଗଠନ ହୋଇଥିଲା। ସବୁ ସବ୍‌କମିଟିର ବୈଠକ ମକର ସଂକ୍ରାନ୍ତି ପୂର୍ବରୁ ସାରିବାକୁ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ପୌର ପରିଷଦ ଅଧକ୍ଷା ମମତା ଗୌଡ, ଓକିଲ ସଂଘର ସଭାପତି ଉମା ଚରଣ ପଟ୍ଟନାୟକ, ମୋଟର କର୍ମଚାରୀ ସଂଘର ସଭାପତି ଫଣୀ ଭୂଷଣ ପଟ୍ଟନାୟକ, ସାମାଜିକ କର୍ମୀ ୱାଇ ଗଣପତି, ମାତାରବନମ ବିଜ୍ଞାନ ପ୍ରଚାର ଆଶ୍ରମର ସଭାପତି ରାମଚନ୍ଦ୍ର ଗମାଙ୍ଗ, ଶବର ସାଂସ୍କୃତିକ ସଂଘର ସଭାପତି ଚକ୍ରପାଣି ଶବର, ଇଡିତାଲ ଚିତ୍ରଶିଳ୍ପୀ ଲକ୍ଷ୍ମଣ ଶବର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ, ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକ, ଅକ୍ଷୟ ଶତପଥି, ତିରୁପତି ମହାନ୍ତି, ପ୍ରକାଶ ରଥ, ଗଜା ପାଳ, ଭାଗିରଥି ବିଶୋୟୀ, ମୁନା ପାଣି, ଆଶୁତୋଷ ବରାଳ, ଉମା ଦାସ, ମିଲି ପାଢ଼ି, ସପନ ଦାସ, ତରୁଣ କାର୍ଜୀ, ଦୁର୍ଗା ଶତପଥି, ରାଜେଶ୍ୱରୀ ଦଲେଇ, ସିଏଚ ଭାନୁମତୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରମେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର,(ପବନ ପାଣିଗ୍ରାହୀ)-ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ କର୍ମଚାରୀ ଚଢ଼ାଉକରି ଜଣେ ମହିଳାଙ୍କୁ ଗିରଫ କରିଛନ୍ତି। ସେ ହେଲେ ଢେପଗୁଡ଼ାର ମଞ୍ଜୁଳା ନାଗ। ମଞ୍ଜୁଳା ମଦ ଚାଲାଣ କରୁଥିବା ସୂଚନା ପାଇ ଢେପଗୁଡ଼ା ସାହି ରାସ୍ତାରେ କର୍ମଚାରୀମାନେ ଚଢ଼ାଉକରି ତାଙ୍କୁ ଧରିଥିବା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

# ସଂକ୍ଷେପରେ

## ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୨।୧(ପବନ ପାଣିଗ୍ରାହୀ)

୨ଜଣ ଫେରାର ଅଭିଯୁକ୍ତଙ୍କୁ ଶୁକ୍ରବାର ସଦର ପୋଲିସ ଗିରଫ କରିଛି। ସେମାନେ ହେଲେ ବଡଓଜେଇ ଗ୍ରାମର ଛବି ହରିଜନ (୨୫) ଓ ମକାପୁଟର ଡେଭିଡ ନାୟକ (୧୯)। ଛବି ଓ ଡେଭିଡଙ୍କ ନାମରେ ସଦର ଥାନାରେ ଏକ ଅପରାଧିକ ମାମଲା ରହିଥିଲା। ସେବେଠାରୁ ଉଭୟେ ଫେରାର ଥିଲେ। ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ଜୟପୁର, ୧୨।୧(ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିଥିବା ନେଇ ରୁଜୁ ମାମଲାରେ ଜଣେ ଯୁବକଙ୍କୁ ମହିଳା ପୋଲିସ ଗିରଫ କରିଛି। ସେ ହେଲେ ବାମୁଣି ଗାଁର ସୋନୁ ପରଜା (୧୯)। ନାବାଳିକା(୧୬) ଅପହରଣ ହୋଇଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତରୁ ସୋନୁଙ୍କ ସମ୍ପୃକ୍ତି ଥିବା ଜାଣି ବାମୁଣି ଗାଁରୁ ନାବାଳିକାଙ୍କୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି

## ଦୀର୍ଘଦିନ ପରେ କେରାଣ୍ଡି ନଦୀରେ ଚାଲିଲା ବୋଟ

କୋରାପୁଟ,୧୨।୧(ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଚାରାଗୁଳ ପଞ୍ଚାୟତ ଲେଞ୍ଜିଗୁଡ଼ାଠାରେ ଥିବା କେରାଣ୍ଡି ନଦୀରେ ବୋଟ୍ ଚାଲିବା ନେଇ ବହୁବାର ଦାବି ପରେ ଯନ୍ତ୍ରଚାଳିତ ବୋଟ୍‌କୁ ପ୍ରଶାସନ ପକ୍ଷରୁ ପୁନଃ ଚାଳିତ କରିଛି। ସେମିଳିଗୁଡ଼ା ବ୍ଲକ ଅଧୀନରେ ଥିବା ଚାରାଗୁଳା ଗ୍ରାମରୁ ସୁନାବେଡ଼ାକୁ ମାତ୍ର ୩ କି.ମି. ଦୂର ହେଉଥିବା ବେଳେ କେରାଣ୍ଡି ନଦୀ ପାଇଁ ପ୍ରାୟ ୧୫ କି.ମି. ରାସ୍ତା ବୁଲି କରି ଯିବାକୁ ପଡୁଛି। ଫଳରେ କମ୍ ଦୂରତା ଦୃଷ୍ଟିରୁ ଗ୍ରାମବାସୀ କେରାଣ୍ଡି ନଦୀରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରିଥାନ୍ତି। ନଦୀରେ ଏକ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ବିଭିନ୍ନ ସମୟରେ ଜିଲା ପ୍ରଶାସନ ପାଖରେ ବାରମ୍ବାର ଦାବି କରିଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେଇ ୨୦ ସିଟି ବିଶିଷ୍ଟ ଏକ ମୋଟରଚାଳିତ ବୋଟ୍ ପକାଇଥିଲା। ଏହି ବୋଟ୍‌ଟି ପ୍ରାୟ ୬ ମାସ ହେବ ଅଚଳ ହୋଇ ରହିଥିଲା। ଫଳରେ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଥିଲା। ଅଞ୍ଚଳବାସୀ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସମସ୍ୟା ଜଣାଇବା ପରେ ଜିଲାପାଳଙ୍କ ପରାମର୍ଶକ୍ରମେ ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ନେତୃତ୍ୱରେ ଏକ ଟିମ୍ ଏବଂ ବ୍ଲକ ପ୍ରଶାସନର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ପରେ ବୋଟ୍‌ଟିକୁ ମରାମତି କରାଯାଇ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ଫଳରେ ଯାତାୟାତ ନେଇ ରହିଥିବା ସମସ୍ୟା ଦୂର ହୋଇଛି।

# ଚାଷୀଙ୍କ ସମସ୍ୟା ଦୂର ନ କଲେ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ

ମାଲକାନଗିରି,୧୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ କଂଗ୍ରେସ ଭବନଠାରେ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କିଷାନ ସେଲ୍ ଅଧ୍ୟକ୍ଷ ଅମୟ ପଟ୍ଟନାୟକ ଯୋଗଦେଇ ରାଜ୍ୟ ସରକାର ମାଲକାନଗିରି ଜିଲାର ଚାଷୀମାନଙ୍କୁ ଅବହେଳା କରୁଛନ୍ତି। ଫଳରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯିବା ସହ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବିଭିନ୍ନ ସମବାୟ ଏବଂ ସାହୁକାରମାନଙ୍କଠାରୁ ଋଣ ଆଣି ଚାଷୀ ଉତ୍ପାଦିତ ସାମଗ୍ରୀ ମଣ୍ଡିରେ ବିକ୍ରିସମୟରେ ଉପଯୁକ୍ତ ପ୍ରାପ୍ୟ ପାଉ ନ କଂଗ୍ରେସ ପକ୍ଷରୁ



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ଅଭିଯୋଗ କରାଯାଇଥିଲା। ସତୀଗୁଡା ଜଳଭଣ୍ଡାର ୪୦ ବର୍ଷ ହେଲା ନିର୍ମାଣ ହୋଇଥିଲେ ମଧ୍ୟ ଏଯାଏ ଜଳଭଣ୍ଡାରର ପଙ୍କ ଉଦ୍ଧାର କାର୍ଯ୍ୟ ହୋଇପାରୁ ନ ଥିବାରୁ ଜଳଧାରଣ କ୍ଷମତା ଦିନକୁ ଦିନ କମିବାରେ ଲାଗିଛି। ଏହା ଆଗାମୀ ଦିନରେ ଚାଷୀମାନଙ୍କ ପାଇଁ ଜଳ ସଙ୍କଟ ସୃଷ୍ଟି କରିବା ସହ ମାଲକାନଗିରି ସହରକୁ ପାନୀୟ ଜଳ ଯୋଗାଣ ବ୍ୟାହତ ହେବ ବୋଲି ପଟ୍ଟନାୟକ ଅଭିଯୋଗ କରିଥିଲେ। ଜିଲାରେ ଶୀତଳ ଭଣ୍ଡାର ନ ଥିବାରୁ ଋତୁକାଳୀନ ପନିପରିବା ଶାଗମାଛ ଦରରେ ଚାଷୀ ବିକ୍ରି କରି କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନାହିଁ। ଚାଷୀଙ୍କ ସମସ୍ୟା ଦୂର ନ ହେଲେ କଂଗ୍ରେସ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ କଂଗ୍ରେସ ସଭାପତି ମନୋଜ ନାୟକ, ଜିଲା କିଷାନ ସେଲ୍ ସଭାପତି ମଙ୍ଗୁ ଖିଲ, ଏସ୍‌ଟି ସେଲ୍ ସଭାପତି ଇର୍ମା କବାସୀ, ଏସ୍‌ସି ସେଲ୍ ସଭାପତି ଧନୁର୍ଜୟ ହନ୍ତାଳ, ଜିଲା ଉପ ସଭାପତି ଭୀମା ବାର୍ସେ, ସାଧାରଣ ସମ୍ପାଦକ ଅଂଶୁରାମ ମୁର୍ମୁ, ସମ୍ପାଦକ ପଦ୍ମ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଛୁଟିରେ ଅଧିକାରୀ, ଦରମା ନ ପାଇ ଦୁର୍ଦ୍ଦଶାରେ କର୍ମଚାରୀ

ବୈପାରିଗୁଡ଼ା,୧୨।୧ (କଳ୍ପତରୁ ମହାନ୍ତି)

ଅଧିକାରୀ ଛୁଟିରେ ଥିବାରୁ ବୈପାରିଗଡ଼ା ବ୍ଲକ୍‌ରେ କାର୍ଯ୍ୟରତ ଗଣଶିକ୍ଷକ ଓ ଏକ୍ସ କ୍ୟାଡର ଶିକ୍ଷକମାନେ ସେମାନଙ୍କ ଡିସେମ୍ବର ମାସର ଦରମା ଏ ଯାଏ ପାଇନାହାନ୍ତି। ଅଧିକାରୀ କେବେ ଆସିବେ କେବେ କର୍ମଚାରୀଙ୍କୁ ଦରମା ମିଳିବ ସେନେଇ ଅନିଶ୍ଚିତତା ଦେଖାଦେଇଛି। ଏ ନେଇ ଗଣ ଶିକ୍ଷକ-ଏକ୍ସ କ୍ୟାଡର ଶିକ୍ଷକ ସଂଘ ଗତ ୫ ତାରିଖରେ ବ୍ଲକ ଶିକ୍ଷାଧିକାରୀ ସୁକାନ୍ତ କର୍ତ୍ତାମିଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ମତ ନେବାରୁ ସେ କହିଥିଲେ, ଉପରୋକ୍ତ ଶିକ୍ଷକମାନଙ୍କ ଦରମା ବିଲ୍‌ରେ ଗୋଷ୍ଠୀ ଶିକ୍ଷାଧିକାରୀ ଓ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସ୍ୱାକ୍ଷର ରହିବା ନିୟମ ରହିଛି। ତେବେ ଗତ ଡିସେମ୍ବର ମାସରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କନକ ମଞ୍ଜରୀ ଭଦ୍ର ମାସକ ପାଇଁ ଛୁଟି ନେଇଥିବାବେଳେ ଏବେ ପୁଣି ଛୁଟି ଅବଧି ୧ ମାସ ବୃଦ୍ଧି କରିଛନ୍ତି। ତାଙ୍କ ସ୍ଥାନରେ ଅନ୍ୟ କାହାକୁ ଦାୟିତ୍ୱ ଦେବାକୁ ସେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଛନ୍ତି। ମାତ୍ର ଏଯାଏ କୌଣସି ନିର୍ଦ୍ଦେଶ ଆସିନାହିଁ। ଅପରପକ୍ଷରେ ଅନ୍ୟ ନିୟମିତ ଶିକ୍ଷକମାନଙ୍କ ପାଇଁ ଭିନ୍ନ ନିୟମ ରହିଛି। କେବଳ ବିଇଓଙ୍କ ସ୍ୱାକ୍ଷରରେ ସେମାନେ ଦରମା ପାଇସାଇଛନ୍ତି। କେବଳ ଗଣଶିକ୍ଷକ ଓ ଏକ୍ସ-କ୍ୟାଡର ଶିକ୍ଷକଙ୍କ କ୍ଷେତ୍ରରେ ଏପରି ନିୟମ ରହିଥିବାରୁ ସେମାନେ ଅଧିକାରୀ ଛୁଟିରେ ଗଲେ ହନ୍ତସନ୍ତ ହେଉଛନ୍ତି। ସୂଚନାଯୋଗ୍ୟ, ବୈପାରିଗୁଡା ବ୍ଲକରେ ୧୮୨ ଜଣ ଶିକ୍ଷକ ଓ ୩ ଜଣ ଅଣ ଶିକ୍ଷକ କାର୍ଯ୍ୟ କରୁଛନ୍ତି।

# ଶାରଦାଗୁଡ଼ା ଭିଏସ୍‌ଏସ୍ ସଭାଗୃହ ଉଦ୍‌ଘାଟିତ

ମାଲକାନଗିରି,୧୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବନଖଣ୍ଡ ଅନ୍ତର୍ଗତ ବାଲିମେଳା ବନାଞ୍ଚଳ ଶାରଦାଗୁଡ଼ା ବନ ସୁରକ୍ଷା ସମିତି ସଭାଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉକ୍ତ ଅଞ୍ଚଳରେ ସମ୍ପାଦିତ ହୋଇଥିବା ଓଡ଼ିଶା ବନାଞ୍ଚଳ ପ୍ରକଳ୍ପର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆମ ଜଙ୍ଗଲ ଯୋଜନାର ରାଜ୍ୟ ଉପଦେଷ୍ଟା ନାରାୟଣ ପଟ୍ଟନାୟକ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଏହି ସମୟରେ ପଟ୍ଟନାୟକ ଭିଏସ୍‌ଏସ୍ ସଭାଗୃହ ଉଦ୍‌ଘାଟନ କରିଥିଲେ। ଏହି ଗସ୍ତ ଅବସରରେ ରାଜ୍ୟ ପ୍ରକଳ୍ପ ପରିଚାଳକ ବିଜୟରାମ ସେନାମତି, ମାଲକାନଗିରି ବନଖଣ୍ଡ ସହକାରୀ ବନ ସଂରକ୍ଷକ କୁନ୍ଦନ ସିଂ, ବାଲିମେଳା ବନାଞ୍ଚଳ ଅଧିକାରୀ ଲିପ୍ସିତା କହଁର, ସୋମନାଥପୁର ସେକ୍ସନ ବନପାଳ ତଥା ସମ୍ପାଦକ କ୍ଷୀରଲତା ନାୟକ, ବନରକ୍ଷୀ ଶଶାଙ୍କ ଦାସ, ଆମ ଜଙ୍ଗଲ ଯୋଜନାର ଜିଲା ସଂଯୋଜକ ବାବୁଲ ମଣ୍ଡଳ, ପିଏନ୍‌ଜିଓ ସୃଷ୍ଟି ସଂଯୋଜକ କିଶୋର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଗ୍ରାମବାସୀ ତଥା ବନ ସୁରକ୍ଷା ସମିତିର ସଭାପତି ଘାସିରାମ ନାୟକ, ବନ ସହାୟକ ଓ ସମସ୍ତ ସଭ୍ୟା ସଭ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ପରିଚାଳନା, ବୃକ୍ଷରୋପଣ, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ କୃଷି, ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ, ଦକ୍ଷତା ବିକାଶ ତାଲିମ ଶିବିର, ଆବର୍ତ୍ତନ ପାଣ୍ଠି ବିନିଯୋଗ ଓ ଜୀବନ ଜୀବିକା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଉପଦେଷ୍ଟା ପଟ୍ଟନାୟକ ଉକ୍ତ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତକରି ଏହାର ସମାଧାନ ଶୀଘ୍ର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# କାଳିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ



କାଳିମେଳା, ୧୨।୨୪ (ଜୀବନ କୃଷ୍ଣ ଦାସ)

କାଳିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୩ ତମ ବାର୍ଷିକ କ୍ରୀଡା ଉତ୍ସବ ଓ ଜାତୀୟ ଯୁବ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏବିଡିଓ ବସନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଜଗବନ୍ଧୁ ଶତ୍ରୁଶଲ୍ୟ, ଶିକ୍ଷକ ପୀତାମ୍ବର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବରାଡ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ କାଳିମେଳା ଗ୍ରାମ ଦେବୀ ମାଁ ଭୈରବୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ପରେ କ୍ରୀଡା ମଶାଲ ମନ୍ଦିରରୁ ଆଣି କାଳିମେଳା ବଜାର ପରିକ୍ରମା କରି ବିଦ୍ୟାଳୟରେ ପହଞ୍ଚିଥିଲେ। ଆରମ୍ଭରେ ଶ୍ରୀ ଗଜାନନଙ୍କ ନିକଟରେ ପୁଷ୍ପ ଧୂପ ଅର୍ପଣ କରି ପୂଜା କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ କ୍ରୀଡ଼ା ପତାକା ଉତ୍ତୋଳନ ହୋଇଥିଲା। ଅତିଥିମାନେ ବିବେକାନନ୍ଦଙ୍କ ଜୀବନାଦର୍ଶ ପ୍ରତ୍ୟେକ ଭରତବାସୀଙ୍କ ପାଇଁ ଗୌରବ ବୋଲି ପ୍ରକାଶ କରି ତାଙ୍କ ଆଦର୍ଶ ଅନୁସରଣ କଲେ ସୁନାଗରିକ ହୋଇପାରିବା ବୋଲି କହିଥିଲେ। ବାର୍ଷିକ କ୍ରୀଡାର ଆଜି ପ୍ରଥମ ଦିବସରେ ୧୦୦, ୨୦୦, ୪୦୦ ମିଟର ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଶର୍ଟ ପୁଟ୍ ଆଦି ଖେଳ ହୋଇଥିଲା। ଶିକ୍ଷକ ନୃସିଂହ ଚରଣ ପାଇକରାୟ ଅତିଥି ପରିଚୟ ଓ ଶିକ୍ଷକ ଚୈତନ୍ୟ ମେହେର ଧନ୍ୟବାଦ ଦେଇଥିଲେ।

# ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ମାଲକାନଗିରି,୧୨।୧ (ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟର ଯୁବପିଢ଼ିଙ୍କ ନିମନ୍ତେ ମାଲକାନଗିରି ଜିଲାରେ ଚାଲିଥିବା ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ମାଲକାନଗିରିସ୍ଥିତ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମକେନ୍ଦ୍ରଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମୁଖ୍ୟବକ୍ତା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ, ସମ୍ମାନିତ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ, ପୌର ଅଧ୍ୟକ୍ଷ ମନୋଜ ବାରିକ, ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଅନିଲ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଧନେଶ୍ୱର ମହାପାତ୍ର, ବ୍ରଜବନ୍ଧୁ ଦାସ, ମଡେଲ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ କରିବା ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି ବିଧାୟକ ବାକା କହିଥିଲେ। ଉପଯୁକ୍ତ ଭାବେ ଶିକ୍ଷା ଗ୍ରହଣକରି ଭବିଷ୍ୟତ ଗଢ଼ିବା, ଲୁକ୍କାୟିତ ପ୍ରତିଭା ଓ କଳା କ୍ଷେତ୍ରରେ ସମୟ ଓ ସୁଯୋଗର ସଦ୍‌ବ୍ୟବହାରକରି ଗୌରବମୟ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

# ମାଲକାନଗିରିରେ ଜାତୀୟ ଯୁବଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମାଲକାନଗିରି,୧୨।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଶୁକ୍ରବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏନ୍‌ୱାଇକେର ଜିଲା ଯୁବ ଅଧିକାରୀ ହରିଶ ଗୂପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ନିଯୋଜନ ଅଧିକାରୀ ମନସ୍ୱୀ ସେଠୀ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ ସତ୍ୟଜିତ ପଣ୍ଡା, ଏମ୍‌ଭିଆଇ ଜନ ପ୍ରତାପ କୁଲୁ ଓ ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ୟନ୍ତ ଜେନା ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହ ବାଲ୍ୟବିବାହ ରୋକିବା, ଜିଲାରେ କର୍ମନିଯୁକ୍ତି ସୁଯୋଗ, ନିଶାଦ୍ରବ୍ୟ ସେବନରୁ ଦୂରେଇରହିବା, ସଡ଼କ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ମହାରାଷ୍ଟ୍ରର ନାସିକଠାରେ ଆୟୋଜିତ ଯୁବ ଉତ୍ସବର ସିଧା ପ୍ରସାରଣ କରାଯାଇଥିଲା। ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ମାଝି ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ୩୮୫ ଜଣ ଯୁବକ ଅଂଶଗ୍ରହଣ କରିଥିଲେ।

# ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କଲେ ଶତାଧିକ ଯୁବକ

ଜୟପୁର, ୧୨।୧(ପବନ ପାଣିଗ୍ରାହୀ)

ସ୍ୱାମୀ ବିବେକାନନ୍ଦଙ୍କ ୧୬୧ ତମ ଜନ୍ମଦିବସକୁ ଜୟପୁରରେ ଜାତୀୟ ଯୁବଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଶୁକ୍ରବାର ଏକ ବାଇକ୍ ଶୋଭାଯାତ୍ରା ସହ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ସୁଧାଂଶୁ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବକ ସାମିଲ ହୋଇଥିଲେ। ପ୍ରଥମେ ଯୁବକମାନେ ହନାଗୁଡାଠାରେ ଏକତ୍ରିତ ହୋଇ ସେଠାରୁ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ସାଗର, ଜୟନଗର, ତାରିଣୀ ଛକ ଓ ରଜାନହର ଦେଇ ଗାନ୍ଧୀ ଛକ ସ୍ଥିତ ଫଙ୍କସନ ହଲ୍‌ରେ ପହଞ୍ଚିଥିଲେ। ସେଠାରେ ଯୁବ ସମାବେଶ ହୋଇଥିଲା। ଆବାହକ ସୁଧାଂଶୁ ଶେଖର ଜେନା, ମହାରାଷ୍ଟ୍ର ବିଦର୍ଭ ପ୍ରାନ୍ତର ସଂସ୍କୃତି ଭାରତ ମହାମନ୍ତ୍ରୀ ଭରତ ପଣ୍ଡା ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ କାରସେବକ ବାବୁ ଭାଇ ବଜରଙ୍ଗୀ, ଲକ୍ଷ୍ମୀକାନ୍ତ ମିଶ୍ର, ଦେବେନ୍ଦ୍ର ବାହିନୀପତି, ରାଧାକାନ୍ତ ରଥ, କାହ୍ନୁଚରଣ ଗନ୍ତାୟତ, ସତ୍ୟ ନାରାୟଣ ଦାଶ, ହରିଦାଶ ତ୍ରିପାଠୀ,ଦେବୀ ପଣ୍ଡା, ଅରୁଣ ରାହା, ରତ୍ନାକର ଭଞ୍ଜ, ମୃତ୍ୟୁଞ୍ଜୟ ପାଢ଼ୀ, କିଶୋର ବେହେରା, ଶତ୍ରୁଘନ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ, ଆବାହକ ଜେନା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶାଖାର ମୁଖ୍ୟ ଶିକ୍ଷକ ଦାୟିତ୍ୱଠାରୁ ଆରମ୍ଭ କରି ପ୍ରାନ୍ତ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୧୮ରୁ ସେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାଯ୍ୟକାରିଣୀ ସଦସ୍ୟ ରୂପେ ଦାୟିତ୍ୱ ତୁଲାଉଛନ୍ତି।

## ଜୟପୁରରେ ଯୁବ ସମାବେଶ

ସେହିପରି ଜୟପୁରସ୍ଥିତ ସ୍ଥାନୀୟ ଗୀତା ଭବନଠାରେ ମଧ୍ୟ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଏବଂ ସାମର୍ଥ୍ୟ ଭାରତ ପ୍ରଭା ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନିଲ୍ କର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜୟପୁରର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଡ. ସୁରେଶ ଦାଶ, ଏନ୍‌ସି ମଲ୍ଲିକ, ପ୍ରମୋଦ ରାଉଳ, ପଦ୍ମିନୀ ଦାଶ, ଝୁନୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟା ନେଇ ନାଚିକା ଲିଙ୍ଗାଙ୍କ ଦାବିପତ୍ର

କୋରାପୁଟ/ ନାରାୟଣପାଟଣା,୧୨।୧ (ଅମିତାଭ ବେହେରା/ ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକର ବିଭିନ୍ନ ମୌଳିକ ସମସ୍ୟା ସମାଧାନ ନେଇ ଶୁକ୍ରବାର ନାରାୟଣପାଟଣା ଓ ବନ୍ଧୁଗାଁ ଚାଷୀମୂଳିଆ ସଂଘ ସଭାପତି ନାଚିକା ଲିଙ୍ଗା ନାରାୟଣପାଟଣା ତହସିଲଦାର ମଧୁମିତା ପାମେଲକରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଏହି ଦାବିପତ୍ରରେ



ଗ୍ରାମବାସୀଙ୍କ ସହ ଦାବିପତ୍ର ଦେବାକୁ ଆସିଥିବା ନାଚିକା ଲିଙ୍ଗା।

ଉଲ୍ଲେଖ ରହିଛି ଯେ, ନାରାୟଣପାଟଣା ବ୍ଲକର ପୋଡ଼ାପଦର, ତେନ୍ତୁଳିପଦର, ବୋରିଗି, ବାଲିପେଟା ସମେତ ସମସ୍ତ ୯ଟି ପଞ୍ଚାୟତରେ ଜଳସେଚନର ସୁବିଧା ନେଇ ପଦକ୍ଷେପ ନେବା, ବ୍ଲକର ସମସ୍ତ ପଞ୍ଚାୟତରେ ଧାନମଣ୍ଡି ଖୋଲିବା, ଜମିହୀନ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଜମିପଟ୍ଟା ପ୍ରଦାନ, ଘରଡିହ ପଟ୍ଟା ପ୍ରଦାନ, ବୃଦ୍ଧାବୃଦ୍ଧଙ୍କ ପେନ୍‌ସନ ମାସିକ ୫ ଶହକୁ ବୃଦ୍ଧିକରି ୨ ହଜାର କରିବା, ସରକାରଙ୍କ ଆବାସ ଯୋଜନାରେ ନିର୍ମାଣ ଖର୍ଚ୍ଚ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ ଅଞ୍ଚଳରେ ସରକାରୀ ମଦଭାଟିକୁ ଉଚ୍ଛେଦ କରିବା ଆଦି ଦାବି ରହିଛି। ସେହିପରି ବନ୍ଧୁଗାଁ ବ୍ଲକର ରାଣୀ ଦୁର୍ଗା ନିକଟରେ ଓ ଗତପୁଟ ପଞ୍ଚାୟତରେ ଏକ ଏମ୍‌ଆଇ ପ୍ରକଳ୍ପ ନିର୍ମାଣ କରିବାକୁ ମଧ୍ୟ ଉଲ୍ଲେଖ ରହିଛି।

# ପାଡୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ନନ୍ଦପୁର, ୧୨।୧ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପାଡୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଗୌରୀମଣି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଝିନ ହିକକା, ଅଧ୍ୟାପକ ରବି ଶତପଥୀ, କୌଶଲ୍ୟା ହିକକା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତୁଲ, ବିଡିଓ ଦୁର୍ଗାପ୍ରସାଦ ଦୋରା, ଜିଲା ପରିଷଦ ସଦସ୍ୟ ନମନ୍ତି ଖିଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ଖିଲ, ଆଲୁମ୍‌ନି ଶଶୀ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସେଖ ଗଫୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ଉତ୍ସବରେ ମଞ୍ଚାସୀନ ଅତିଥି।

# ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

ଜୟପୁର,୧୨।୧(ପବନ ପାଣିଗ୍ରାହୀ)

ଜୟପୁର ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆଚାର୍ଯ୍ୟା ମମତା ହୋତା ବିବେକାନନ୍ଦଙ୍କ ଜୀବନୀ, ଆଦର୍ଶ ଏବଂ ବିଶ୍ୱ ସଂସ୍କୃତିକୁ ତାଙ୍କ ଅବଦାନ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଅମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁପମା ମହାପାତ୍ର ସ୍ୱାଗତ ସୂଚନା ଦେଇଥିଲେ। ସୁଜାତା ସାହୁ ଧନ୍ୟବାଦ ଦେଇଥିଲେ। ସବିତା ଓ ସନ୍ତୋଷିନୀ ପାତ୍ରଙ୍କ ନେତୃତ୍ୱରେ ଶିଶୁ ଭାଇମାନେ ବିବେକାନନ୍ଦ ବେଶରେ ସଜ୍ଜିତ ହୋଇ ତାଙ୍କ ବାଣୀ ଉପସ୍ଥାପନ କରିଥିଲେ। ପଦ୍ମିନୀ ମହାପାତ୍ର, ହୃଷୀକେଶ ପାଣିଗ୍ରାହୀ, ତ୍ରିପତି ସାହୁ, ବବିତା ପାତ୍ର, ପି. ସୁଶୀଳା, ସୁମିତା ପାଢ଼ୀ, ସୁନନ୍ଦା ଷଡ଼ଙ୍ଗୀ, ବବିତା ମହାରଣା, ଅନିଲ ଶତପଥୀ, ଭାଗବତ ଷଡ଼ଙ୍ଗୀ, ମୋନାଲିସା ବାହାଦୁର, ସୁନିତା ପଣ୍ଡା,ସ୍ୱୀକୃତି ଦାଶ, ମୋନାଲିସା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁମାନେ।

# ଭୂମିହୀନଙ୍କୁ ଜାଗା, ଗୃହ ଦେବାକୁ ଦାବି

ଜୟପୁର, ୧୨।୧(ପବନ ପାଣିଗ୍ରାହୀ)

ଜୟପୁର ସହରରେ ରହୁଥିବା ଭୂମିହୀନ ଲୋକମାନେ ଗୁରୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କୁ ଜାଗା ଓ ଗୃହ ଦେବା ପାଇଁ ଜୟପୁର ଉପଜିଲାପାଳଙ୍କ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରାଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ସହରର କଣ୍ଡରାସାହି, ଭୂପତି ସାହି, ଇନ୍ଦିରା ଛକରେ ଭୂମିହୀନ ବାସିନ୍ଦା ରହୁଛନ୍ତି। ତେବେ ଜୟପୁର ପୌରାଞ୍ଚଳରେ ରହୁଥିବା ଲୋକେ ସରକାରଙ୍କ ପକ୍ଷରୁ ଜାଗା ଓ ଘର ପାଇଛନ୍ତି। ଏନେଇ ଆମେ ବାରମ୍ବାର ପୌରପାଳିକାକୁ ଜଣାଇଥିଲେ ମଧ୍ୟ ଏଯାଏ ଆମକୁ ଜାଗା କିମ୍ବା ଘର କିଛି ମିଳିନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସି.ଏଚ୍. ଲକ୍ଷ୍ମୀ, ଜ୍ୟୋତି ଚୌଧୁରୀ ସାବିତ୍ରୀ ବିନ୍ଧାଣି, ମମତା ଦଳେଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱାମୀ ବିବେକାନନ୍ଦ ଯୁବପିଢ଼ିଙ୍କ ପ୍ରେରଣାର ଉତ୍ସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସୁନାବେଡ଼ା,୧୨।୧(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଶୁକ୍ରବାର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଉଷାରାଣୀ ଦାସ ସଭା କାର୍ଯ୍ୟ ପରିଚାଳନା କରି ଏକ କ୍ଷୁଦ୍ର ଗଳ୍ପ ମାଧ୍ୟମରେ କିପରି ସଙ୍କୋଚତା ଓ ଆତ୍ମସମ୍ମାନ ରୂପକ ଧନକୁ ଅଧାରକରି ବର୍ତ୍ତମାନର ଯୁବପିଢ଼ି ନିଜର ଚରିତ୍ର ଏବଂ ରାଷ୍ଟ୍ର ଗଠନରେ ନିୟୋଜିତ କରିପାରିବେ ସେନେଇ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଏବିଭିପିର ଜାତୀୟ ସମ୍ପାଦକ ବୁଦ୍ଧଦେବ ବାଘ ଯୋଗଦେଇ ଭାରତୀୟତା ହିଁ ପ୍ରକୃତ ଆଧୁନିକତା ଉପରେ ଆଲୋକପାତ କରି ସ୍ୱାମୀ ବିବେକାନନ୍ଦଙ୍କ ବିଶ୍ୱସ୍ତରୀୟ ଅବଦାନ ସମ୍ପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସମ୍ମାନିତ ଅତିଥି ରୂପେ ଏବିଭିପିର ପରିଚାଳନା ସମ୍ପାଦକ ତନ୍ମୟ ପ୍ରଧାନ, ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକାରିଣୀ ଅଧିକାରୀ ସରିତା ପରିଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଶୁଭଶ୍ରୀ ପରିଡା ଧନ୍ୟବାଦ ଦେଇଥିଲେ। ଛାତ୍ରୀ ଲକ୍ଷ୍ମୀ ପ୍ରଧାନ, ରଶ୍ମିତା ସାହୁ, ସରୋଜିନି ଗୌଡ଼ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ତାଙ୍କର ଆମେରିକାର ଚିକାଗୋ ସମ୍ମିଳନୀ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ।

## ଶାଳୀଙ୍କୁ ବଳାତ୍କାର କରି ଭିଣୋଇ ଗିରଫ

ଜୟପୁର,(ପବନ ପାଣିଗ୍ରାହୀ)-ଶାଳୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଭିଣୋଇଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖ୍ରିଷ୍ଟିଆନପେଟାର ନମ୍ରଶିଳ ନାଗ (୪୨)। ପୋଲିସ ସୂଚନା ଅନୁଯାୟୀ ନମ୍ରଶିଳଙ୍କ ତାଙ୍କ ଶାଳୀ ୨୦ ହଜାର ଟଙ୍କା ଧାର ନେଇଥିଲେ। ସେହି ଟଙ୍କା ଫେରାଇବାକୁ ଯାଇଥିବା ବେଳେ ତାଙ୍କ ଇଛା ବିରୋଧରେ ନମ୍ରଶିଳ ତାଙ୍କୁ ବଳାତ୍କାର କରିଥିବା ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି।



## ସଂକ୍ଷେପରେ

### ତଣ୍ଡାଗୁଡ଼ାରେ ଭାଲୁ, ଲୋକେ ଭୟଭୀତ



ପାପଡ଼ାହାଣ୍ଡି,୧୨।୧(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତଣ୍ଡାଗୁଡ଼ାରେ ଶୁକ୍ରବାର ଭାଲୁ ଦେଖିବାକୁ ମିଳିଛି। ଅପରାହ୍ନ ୫ଟାବେଳେ ଭାଲୁଟି ଅଗ୍ନିଶମ କେନ୍ଦ୍ର ନିକଟରେ ଘୁରି ବୁଲିଥିଲା। ଅଗ୍ନିଶମ କର୍ମଚାରୀମାନେ ଭାଲୁଟିକୁ ଦେଖି ଲୋକଙ୍କୁ ସତର୍କ କରାଇଥିଲେ। ପରେ ପାଟି କରି ତାକୁ ଘଉଡ଼ାଇଥିଲେ। ଭାଲୁଟି ସେଠାରୁ ନିକଟସ୍ଥ ଜଙ୍ଗଲ ଆଡ଼କୁ ଚାଲିଯାଇଥିଲା। ଖାଦ୍ୟ ଅନ୍ୱେଷଣରେ ଭାଲୁଟି ତଣ୍ଡାଗୁଡା ଗ୍ରାମ ଆଡ଼କୁ ଚାଲି ଆସିଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି।

### ଗାଡ଼ି ସହ କାଠଗଣ୍ଡି ଜବତ, ଜଣେ ଗିରଫ

ପାପଡ଼ାହାଣ୍ଡି/ମୈଦଲପୁର, ୧୨।୧
(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ଏକ ଗାଡ଼ିରେ କାଠଗଣ୍ଡି ଚାଲାଣ ବେଳେ ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ବନ ବିଭାଗ ତାହାକୁ ଜବତକରି ଜଣଙ୍କୁ ଗିରଫ କରିଛି। ସେ ହେଲେ ରଚିଗୁଡା ଗ୍ରାମର ବରୁଣ ଗୁପ୍ତା। ସୂଚନାନୁଯାୟୀ, ବରୁଣ ନିଜ ପିକ୍ଅପ (ଓଡି-୨୪ଏ- ୧୭୯୯)ରେ ମାଝିଗୁଡ଼ା ପଞ୍ଚାୟତ ଖଡ଼କାପଦର ବାର୍ଲି ସଂରକ୍ଷଣ ଜଙ୍ଗଲରୁ ସାହାଜ, ଶାଳ, ଶାଗୁଆନ କାଠ ଗଣ୍ଡି ଗୁରୁବାର ରାତି ରେ ନେଉଥିଲେ । କୌଣସି ସୂତ୍ରରୁ ବନ ବିଭାଗ ଏ ଖବର ପାଇ ତିଲିଆକନାରୀ ଛକ ନିକଟରେ ତାଙ୍କୁ ଧରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଚଢ଼ାଉ ସମୟରେ ବନପାଳ ମଧୁସୂଦନ ପାତ୍ର, ରମାକାନ୍ତ ସାହୁ, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ କେସ୍ ନଂ. ୧୮୭/୨୪ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ୪ଦିନିଆ କର୍ମଶାଳା ଉଦ୍‌ଯାପିତ



ଡାବୁଗାଁ,୧୨।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଏକ୍ସ-ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ଦିନିଦରି ଚାଲିଥିବା ଶିକ୍ଷଣ ସମାଗ୍ରୀ, ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ କର୍ମଶାଳା ଉଦ୍‌ଯାପିତ ହୋଇଛି। ଦିଲୀପ କୁମାର ରାଉତ, ରାଜୁ ହରିଜନ, ଶାନ୍ତିରାଜ ଭତ୍ରା ଓ ଭୁବନଜୋଇ ଭତ୍ରା ପ୍ରମୁଖ ତାଲିମ ଦେଇଥିଲେ। ଶିକ୍ଷଣ ସମାଗ୍ରୀ, ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ ଉପରେ କର୍ମଶାଳାରେ ବ୍ୟାପକ ତାଲିମ ଦିଆଯାଇଛି। ଏବିଇଓ ଭଗବାନ ମାଝି କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ୨୨ ଜଣ ଶିକ୍ଷୟତ୍ରୀ ଶିକ୍ଷକ ତାଲିମ ନେଇଛନ୍ତି।

# ବିନା ଡାକ୍ତରରେ ଇନ୍ଦ୍ରାବତୀ ପ୍ରକଳ୍ପ ଚିକିତ୍ସାଳୟ

**ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟସେବା**

ତେନ୍ତୁଳିଖୁଣ୍ଟି, ୧୨।୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା। ଏହା ଉପରେ ସ୍ଥାନୀୟ ଅଞ୍ଚଳବାସୀ ନିର୍ଭର କରନ୍ତି। ଏଠାରେ କିନ୍ତୁ ଏବେ ଡାକ୍ତର ନାହାନ୍ତି। ଫଳରେ ରୋଗୀମାନେ ଅସୁବିଧା ଭୋଗୁଛନ୍ତି। ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ବିଭିନ୍ନ କାରଣରୁ ବାହାରକୁ ଯାଇପାରୁ ନ ଥିବା ରୋଗୀ ଫାର୍ମାସିଷ୍ଟଙ୍କଠାରୁ ଔଷଧ ନେବାକୁ ବାଧ୍ୟ ହେଉଛନ୍ତି।

ନବରଙ୍ଗପୁର ଜିଲାର ହାତଗଣତି ଅର୍ବାନାଇଜ୍ଡ ଗ୍ରାମ ମଧ୍ୟରୁ ଇନ୍ଦ୍ରାବତୀ ଅନ୍ୟତମ। ଏଠାରେ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ପରିଚାଳିତ ୩୨ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ରହିଛି। ଏହି ଡାକ୍ତରଖାନା ପରିଚାଳନାରେ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ୨୦୨୦ରେ କୋଭିଡ୍ ବେଳେ ତତ୍କାଳୀନ ଜିଲାପାଳ ଅଜିତ ମିଶ୍ର ପରିଚାଳନା ଦାୟିତ୍ୱ ଜିଲା ଚିକିତ୍ସାଳୟ ଦ୍ୱାରା କରାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଡାକ୍ତରଖାନାର ଫାର୍ମାସିଷ୍ଟ ନର୍ସଙ୍କୁ ଜିଲା ଚିକିତ୍ସାଳୟକୁ ନେଇ ଏହି ପ୍ରକଳ୍ପ ଡାକ୍ତରଖାନାକୁ ୩ଜଣ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଲାବ୍ ଟେକ୍ନିସିଆନ ଯୋଗାଇଥିଲେ। ପ୍ରକଳ୍ପ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବଢ଼ିଥିଲା। କିନ୍ତୁ ଏଠାରେ ଥିବା ୩ଜଣ ଡାକ୍ତର ଓପିଏସ୍‌ସି ପାସ୍ କରି ନିଜ ପସନ୍ଦର ସ୍ଥାନକୁ ଚାଲିଯାଇଛନ୍ତି। ଏହାପରେ ଡାକ୍ତର ଶାନ୍ତି ସ୍ୱରୂପ ପଟ୍ଟନାୟକ ଇନ୍ଦ୍ରାବତୀ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱ ନେଇଥିଲେ। ସେ ନବରଙ୍ଗପୁର ଜିଲାର। ୧୦ଦିନ ହେବ ତାଙ୍କ ପୋଷ୍ଟିଂ ଏବେ ବଲାଙ୍ଗୀର ଜିଲାକୁ କରାଯାଇଛି। ତାଙ୍କ ସ୍ଥାନରେ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ରୋଗୀସେବା ପାଇଁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ଡେପୁଟେଶନରେ ସିଡିଏମ୍ଓ ପଠାଇଥିଲେ। କିନ୍ତୁ ସେ ମାତ୍ର ୨ଦିନ ଆସିଥିଲେ। ତା' ପରଠାରୁ ତାଙ୍କର ଦେଖାନାହିଁ। ଡାକ୍ତର ନ ଥିବାରୁ ଶତାଧିକ ରୋଗୀ ଏଠାକୁ ଆସି ନିରାଶ ହୋଇ ଫେରୁଛନ୍ତି। ଅଳ୍ପ କେତେଜଣ ଫାର୍ମାସିଷ୍ଟଙ୍କ ପରାମର୍ଶରେ ଔଷଧ ନେଉଛନ୍ତି। ପ୍ରକଳ୍ପ କର୍ତ୍ତୃପକ୍ଷ ନିଜେ ଡାକ୍ତରଖାନା ପରିଚାଳନା କରୁ ନ ଥିବାବେଳେ ଏହା କିଭଳି ତୁରନ୍ତ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହେବ ସେ ଦିଗରେ ମଧ୍ୟ ପ୍ରୟାସ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। କଥା କେବଳ ଚିଠି ଆଦାନପ୍ରଦାନରେ ସୀମିତ ହୋଇଛି। ଏବେ ସପ୍ତାହେ ହେବ ଏଠାରେ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବାଧା ପାଉଛି। ଡାକ୍ତର ନିଯୁକ୍ତି ସମ୍ପର୍କରେ ସିଡିଏମ୍ଓ ଡାକ୍ତର କାଳୀପ୍ରସାଦ ବେହେରାଙ୍କୁ ପଚାରିବାରୁ ଇନ୍ଦ୍ରାବତୀ ପ୍ରକଳ୍ପ ମେଡିକାଲ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ନ ଥିବାରୁ ସିଧାସଳଖ ଡାକ୍ତର ପୋଷ୍ଟିଂ କରିପାରୁନାହୁଁ। ଓପିଏସ୍‌ସି ପାଇ ଯୋଗଦେଇଥିବା ଡାକ୍ତରଙ୍କ କାଉନ୍‌ସେଲିଂ ସରିଛି। ଦୁଇଦିନ ମଧ୍ୟରେ ୩ଜଣ ଡାକ୍ତର ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଲୋକକଳା ଦ୍ୱାରା ସରକାରୀ ଯୋଜନା ପ୍ରଚାର ଲକ୍ଷ୍ୟ



କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ, କଳାକାରମାନେ।

**ଜିଲାସ୍ତରୀୟ ସୂଚନା, ଶିକ୍ଷା ଓ ଯୋଗାଯୋଗ କର୍ମଶାଳା**

ନବରଙ୍ଗପୁର,୧୨।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାସ୍ତରୀୟ ସୂଚନା ଶିକ୍ଷା ଓ ଯୋଗାଯୋଗ ସମ୍ପର୍କରେ ଏକଦିବସୀୟ କର୍ମଶାଳା ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କର୍ମଶାଳାରେ ସମନ୍ୱିତ ଜନଜାତି ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଲୋକକଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ବ୍ୟାପକ ପ୍ରଚାରପ୍ରସାର ନିମନ୍ତେ ସେ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଏନ୍ ଆର୍‌ଏଚ୍‌ଏମ୍ ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ ଯୋଗଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନବୀନ କାର୍ଡ, ମୋ ହସ୍ପିଟାଲ ଯୋଜନାରେ ଲୋକମାନେ କିପରି ମାଗଣାରେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଚିକିତ୍ସା ସୁବିଧା ପାଇପାରିବେ ସେ ସମ୍ପର୍କରେ ଲୋକକଳା ମାଧ୍ୟମରେ ସଚେତନ କରିବା ପାଇଁ ସୂଚନା ଦେଇଥିଲେ। ଓର୍‌ମାସ ଡେପୁଟି ସିଇଓ ଉମା ମହେଶ ଏସ୍‌ଏଚ୍‌ଜି, ମିଶନ ଶକ୍ତି, ମକା ମିଶନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅଂଶ ଗ୍ରହଣ କରିଥିବା ସଂସାଧନ ସଭ୍ୟମାନେ ଜିଲାରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ କିପରି ଲୋକକଳା ମାଧ୍ୟମରେ ସଫଳତାର ସହ ପରିଚାଳନା କରାଯିବ ସେ ସମ୍ପର୍କରେ ଜିଲା କଳା ସଂସ୍କୃତି ସଂଘ ଉପସଭାପତି କାର୍ତ୍ତିକ ଭତ୍ରା ଆଲୋଚନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ଜିଲାର ୧୦ ବ୍ଲକର ସମସ୍ତ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି, ସଭ୍ୟ, କଳାକାରମାନେ ଯୋଗଦେଇଥିଲେ।

# ଇଭିଏମ୍, ଭିଭିପିଏଟି ବ୍ୟବହାର ନେଇ ସଚେତନତା



ଇଭିଏମ୍, ଭିଭିପିଏଟିର ପରୀକ୍ଷା କରାଯାଉଛି।

ଉମରକୋଟ, ୧୨।୧(ସନ୍ତୋଷ ଶତପଥୀ)

ଇଭିଏମ୍ ଓ ଭିଭିପିଏଟିରେ କିପରି ଭୋଟ ଦିଆଯିବ ସେ ନେଇ ନବରଙ୍ଗପୁର ଜିଲା ଉମରକୋଟରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବିଡିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧୀନରେ ଥିବା ୨୬ ପଞ୍ଚାୟତର ପ୍ରାୟ ୧୨୨ ବୁଥ୍‌ର ଭୋଟରଙ୍କୁ ଭୋଟ ଦେବା ପ୍ରକ୍ରିୟା ବିଷୟରେ ସଚେତନ କରାଯିବ। ଏହି ସଚେତନତା କାର୍ଯ୍ୟକ୍ରମ ଫେବୃଆରୀ ୨୮ ଯାଏ ଚାଲିବ। ଲୋକଙ୍କୁ ଇଭିଏମ୍ ଓ ଭିଭିପିଏଟିରେ କାର୍ଯ୍ୟ ବିଷୟରେ ବୁଝାଇବାକୁ ୩ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୩ଜଣ ଅଧିକାରୀ ରହିଛନ୍ତି। ଟିମ୍‌ରେ ବିଧୁଭୂଷଣ ବେହେରା, ହନୁ ନାୟକ, ବାସୁଦେବ ମଣ୍ଡଳ, ଆଦିତ୍ୟ ନାରାୟଣ ସିଂ,ଭବତୋଷ ବାଛର, ଫୁଲ ସିଂ ଗଣ୍ଡ, ଦେବାଶିଷ ମିଶ୍ର, ପଦ୍ମ ଚରଣ ଭକ୍ତ, ପ୍ରଦୀପ ରାୟ ପ୍ରମୁଖ ଅଧିକାରୀମାନେ ଅଛନ୍ତି।

୩ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟରେ ଇଭିଏମ୍ ଓ ଭିଭିପିଏଟିକୁ ପରୀକ୍ଷା କରାଯାଇଥିଲା। ଇଭିଏମ୍‌ରେ ପ୍ରାର୍ଥୀଙ୍କ ନାମ ରହିଥିବ। ଯେଉଁ ପ୍ରାର୍ଥୀଙ୍କୁ ଭୋଟର ଭୋଟ ଦେବେ ତାଙ୍କର ନାମ ଭିଭିପିଏଟି ମେଶିନରେ ଦୃଶ୍ୟ ହେବ। ଯଦି ଭିଭିପିଏଟିରେ ସେହି ନାମ ବା ଚିହ୍ନ ନ ଆସି ଅନ୍ୟ ନାମ ଆସେ ତା'ହେଲେ ସେହିକ୍ଷଣି ଭୋଟର ଉକ୍ତ ବୁଥ୍ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇବେ। ସେହି ସମୟରେ ହିଁ ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ସମସ୍ତଙ୍କୁ ଅବଗତ କରିଛନ୍ତି। ଏହି ସମୟରେ ୩ ରାଜନୈତିକ ଦଳର ପ୍ରତିନିଧି, ସରପଞ୍ଚ ମାଳତୀ ମାଝି, କିଆବତୀ ଗଣ୍ଡ, ସମିତିସଭ୍ୟ ବିକ୍ରମ ସିଂ, ଦେବିସିଂ ମାଝି, ମନୋଜ ଧଳ, ମାର୍କଣ୍ଡ ସାହୁ, ପର୍ଶୁ ନାୟକ, ସୀମାଞ୍ଚଳ ମଲ୍ଲିକ, ପଞ୍ଚାୟତ ଅଧିକାରୀ ଦେବାଶିଷ ଦାସ, ତନ୍ମୟୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଲ୍ ଗଲେ ଅଭିଯୁକ୍ତ

**ମନ୍ଦିରରେ ଶିଶୁପୁତ୍ରଙ୍କୁ ହତ୍ୟା ଘଟଣା**

ଉମରକୋଟ, ୧୨।୧(ସନ୍ତୋଷ ଶତପଥୀ)

ମନ୍ଦିର ବାରଣ୍ଡାରେ ପୂଜାରୀଙ୍କ ଶିଶୁପୁତ୍ରକୁ ଥରରେ ଛେଚି ହତ୍ୟା ଘଟଣାରେ ଡାବୁଗାଁ ପୋଲିସ ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ମେଣ୍ଡ୍ରା ଗ୍ରାମର ଅଭିଯୁକ୍ତ ଜଳେନ୍ଦ୍ର ସାନ୍ତାଙ୍କୁ ଗିରଫ କରିଛି।ତାଙ୍କ ଜାମିନ ନାମଞ୍ଜୁର ହେବାପରେ ଜଳେନ୍ଦ୍ରଙ୍କୁ ଜେଲକୁ ପଠାଯାଇଛି। ସେ କାହିଁକି ହତ୍ୟା କରିଛନ୍ତି ତାହା ଜଣାପଡି ନାହିଁ। ପୂଜାରୀ ପରିବାର ସହ ଜଳେନ୍ଦ୍ରଙ୍କ ପୂର୍ବରୁ କୌଣସି ଶତ୍ରୁତା ନଥିଲା। ସେ ସୁସ୍ଥ ମାନସିକତାର ମଧ୍ୟ ଥିଲେ। ହତ୍ୟା ଦିନ ଅମାବାସ୍ୟା ଥିଲା । ତେଣୁ ଗୁଣି ଗାରେଡ଼ି ପାଇଁ ହତ୍ୟା କରିଥିବା ସନ୍ଦେହ ହେଉଛି। ସୂଚନାନୁଯାୟୀ, ମେଣ୍ଡ୍ରା ଗ୍ରାମର ସରଗୁଲି ପାହାଡ଼ ଉପରେ ଶିବ ମନ୍ଦିର ପୂଜକ ସନାଧର ପୂଜାରୀ ଗୁରୁବାର ପୂଜା କରିବାକୁ ଯାଇଥିଲେ। କିଛି ସମୟ ପରେ ପୂଜକ ସନାଧରଙ୍କ ପୁଅ ଚନ୍ଦନ(୫) ଅଜାଙ୍କ ସହ ସେଠାକୁ ଯାଇଥିଲେ। କିଛି ସମୟ ପରେ ଅଭିଯୁକ୍ତ ସେଠାରେ ପହଞ୍ଚି ଚନ୍ଦନଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ତାଙ୍କ ଗୋଡ଼ ହାତ କାଟି ନେଇଯାଇଥିଲେ। ଖବରପାଇ ପୋଲିସ ଜଳେନ୍ଦ୍ରଙ୍କୁ ଗିରଫ କରିଛି।

## ମିଲେଟ୍ ମିଶନର ଅମଳ ଉତ୍ସବ

ଝରିଗାଁ ,୧୨।୧(କିଶୋର ଚନ୍ଦ୍ର ମଣ୍ଡଳ)

ହର୍ଷା ଟ୍ରଷ୍ଟ ପକ୍ଷରୁ ମିଲେଟ୍ ମିଶନ ଆନୁକୂଲ୍ୟରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁହୁରାକୋଟ ଗ୍ରାମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଅମଳ ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟରେ ବ୍ଲକ ପ୍ରକଳ୍ପ ସଂଯୋଜକ ବିଭୂତି ଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅମଳ ଉତ୍ସବରେ ଜିଲା କୃଷି ଅଧିକାରୀ ଅଜୟ କର ମୁଖ୍ୟ ଅତିଥି, ବ୍ଲକ କୃଷି ଅଧିକାରୀ ଗଜାନନ ସାହୁ, ମୃତ୍ୟୁଞ୍ଜୟ କନ୍ଧପାନ, ବି.ରଜେଶ୍ୱର ସ୍ୱାମୀ, ଅତିରିକ୍ତ ପ୍ରକଳ୍ପ ସଂଯୋଜକ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବ୍ଲକର ୬ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗଦେଇଥିଲେ। ଚାଷୀଙ୍କୁ ଓଡ଼ିଶା ମିଲେଟ ମିଶନ ଯୋଜନାରେ ମିଳୁଥିବା ସହାୟତା ଓ ସୁବିଧା ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଫଳ ମିଲେଟ ଚାଷୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ହର୍ଷା ଟ୍ରଷ୍ଟର ମନୋଜ ସାହୁ, ସ୍ନିଗ୍ଧା ଶୁଭଦର୍ଶନୀ ସାହୁ, ଶୁଭଶ୍ରୀ ନେଗି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୨ଦିନର ଦରମା କଲାନି ଶିକ୍ଷା ବିଭାଗ

- ଶିକ୍ଷକଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା
- ସ୍କୁଲରେ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କଲେ ସ୍ତ୍ରୀ

ନବରଙ୍ଗପୁର, ୧୨।୧(ସଦାଶିବ ପ୍ରହରାଜ)

ରାଇଘର ବ୍ଲକ କଚରାପାରା ପଞ୍ଚାୟତର ଅଲେଖ ମହିମା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଆଶିଷ କୁମାର ସ୍ୱାଇଁ ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଡିସେମ୍ବର ମାସରୁ ସେ ମାନସିକ ଚାପରେ ରହୁଥିଲେ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଛୁଟିରେ ଥିବାରୁ ତାଙ୍କର ଦରମା କରାଯାଇ ନ ଥିବା ଶିକ୍ଷକଙ୍କ ସ୍ତ୍ରୀ ଗୀତାଞ୍ଜଳି କହିଛନ୍ତି। ଶିକ୍ଷକ ସ୍ୱାଇଁ ଗଳାକାଟି ଆତ୍ମହତ୍ୟା ଉଦ୍ୟମରେ ରାଇଘର ବିଇଓ ଈଶ୍ୱର ଚନ୍ଦ୍ର ମାଝି ଓ ଆଞ୍ଚଳିକ ସାଧାନ ସଂଯୋଜକ ପ୍ରମୁଖ ସ୍କୁଲକୁ ଯାଇ ଉପସ୍ଥାପନ, ଛୁଟି ଦରଖାସ୍ତ ଆଦି ଆଣିବା ସହ ତଦନ୍ତ କରିଛନ୍ତି। ଏହାର ରିପୋର୍ଟ ଡିଇଓଙ୍କୁ ଦିଆଯାଇଛି।

ସୂଚନାନୁଯାୟୀ, ସ୍ୱାସ୍ଥ୍ୟ ଖରାପ ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇ ଫେରିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ମାନସିକ ଯନ୍ତ୍ରଣା ଦେବା ସହ ସ୍କୁଲର ସମସ୍ତ କାମ କରିବାକୁ ବାଧ କରୁଥିଲେ ବୋଲି ଶିକ୍ଷକଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଶିକ୍ଷକ ସ୍ୱାଇଁ ଡିସେମ୍ବର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିଛନ୍ତି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଲାଲ ରଙ୍ଗରେ ଦରମାବିଲରେ ଉଲ୍ଲେଖ କରିଛନ୍ତି । ଉକ୍ତ ମାସରେ ଶିକ୍ଷକ ସ୍ୱାଇଁ ୨୨ଦିନ ସ୍କୁଲରେ ଉପସ୍ଥିତ ଥିଲେ। ଶିକ୍ଷକଙ୍କ ଦରମା ସମ୍ପର୍କରେ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ଏମାସରେ ଦରମା କରାଯିବ ବୋଲି କହିଛନ୍ତି । ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟର ଶିକ୍ଷକ ଛୁଟିରେ ରହିଲେ ସେହିଦିନର ଦରମା ପାଇବା ନିୟମ ନାହିଁ। ମାସର ମଧ୍ୟ ଭାଗରେ ଛୁଟିରେ ରହିଥିବାରୁ ଦରମା କରାଯିବା ଉପରେ ତର୍ଜମା କରାଯାଇଥିଲା। ଏବେ କିଛିଦିନ ହେବ ୭ମ ବେତନ କମିଶନର ବକେୟା ୨ ଲକ୍ଷଟଙ୍କା ଶିକ୍ଷକ ପାଇଛନ୍ତି ବୋଲି ଡିଇଓ କହିଛନ୍ତି। ତେବେ ଉକ୍ତ ବିଦ୍ୟାଳୟ ତଥା ଶିକ୍ଷକ ୭ମ ବେତନ କମିଶନ ପାଇବା ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ନୁହନ୍ତି। ତଥାପି ଡିଇଓଙ୍କ ମତରୁ ଶିକ୍ଷକ ଓ ତାଙ୍କ ପରିବାରର ମତକୁ ଚାପିବା ପାଇଁ ଉଦ୍ୟମ କରାଯାଇଥିବା ଅନୁମେୟ। ଏହା ପୂର୍ବରୁ ମଧ୍ୟ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ମାନସିକ ନିର୍ଯ୍ୟାତନା ଅଭିଯୋଗ ଥିଲା। ଉକ୍ତ ବିଦ୍ୟାଳୟର କିରାଣୀ ପ୍ରହ୍ଲାଦ ବେହେରାଙ୍କୁ ପ୍ରଧାନ ଶିକ୍ଷୟତ୍ରୀ ମାନସିକ ନିର୍ଯ୍ୟାତନା ଦେଉଥିବା ଡିଇଓଙ୍କ ପାଖରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରିବର୍ତ୍ତେ କିରାଣୀଙ୍କୁ ଜାଟାବାଲ ପଞ୍ଚାୟତ ହାଇସ୍କୁଲକୁ ଆଣି ଅବସ୍ଥାପିତ କରିଦିଆଗଲା। ଏହି ଘଟଣାରେ ତଦନ୍ତ ଏଯାଏ ହୋଇନାହିଁ। ପ୍ରକାଶ ଯେ, ଶିକ୍ଷକ ସ୍ୱାଇଁ ଗୁରୁବାର ନିଜ ଗଳା କାଟି ଦେଇଥିଲେ। ଗଳାରେ ୨୦ଟି ଷ୍ଟିଚ ପଡିଛି। ସେ ଏବେ କଟକରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଶିକ୍ଷକ ସ୍ୱାଇଁଙ୍କୁ ମାନସିକ ନିର୍ଯ୍ୟାତନା ଦେବା ସମ୍ପର୍କରେ ପଚାରିବାରୁ ପ୍ରଧାନ ଶିକ୍ଷୟତ୍ରୀ ଏହାକୁ ଖଣ୍ଡନ କରିଛନ୍ତି।

# ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ତେନ୍ତୁଳିଖୁଣ୍ଟି, ୧୨।୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯଶୋବନ୍ତ ବରାଳଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆ ଓ କାର୍ଯ୍ୟକ୍ରମର ବିବରଣୀ ସମ୍ପର୍କରେ ଅଧ୍ୟାପକ ମନୋଜ ରଥ ପାଠ କରିଥିଲେ। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ବିଡିଓ ମନୋଜ କୁମାର ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ନିଳେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, କୃଷ୍ଣମଞ୍ଜରୀ ବିଷୋୟୀ, ପରଜାବାରଙ୍ଗପଦର ସରପଞ୍ଚ ବନ୍ଦିତା ନାୟକ, ସମିତି ସଭ୍ୟା ସୁକାନ୍ତି ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡା,ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାର ସଂଯୋଜନା ପ୍ରିୟଦର୍ଶନୀ ନାହାକ, ପଲ୍ଲିଶ୍ରୀ ନାୟକ ଓ ମନୋଜ ରଥ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟକ୍ଷ ଯଶୋବନ୍ତ ବରାଳ ରହିଥିଲେ। ଅଧ୍ୟାପକ ବିନୟ ବେହେରା ନିବେଦିତା ମହାନ୍ତି ବିଶାଖା ମଞ୍ଜରୀ ମହାନ୍ତି, ବ୍ରଜ କିଶୋର ରଥ, ଅଧ୍ୟାପକ ବିମଳ ବେହେରା, ଅଧ୍ୟାପକ ରଞ୍ଜନ ସ୍ୱାଇଁ, ଅଧ୍ୟାପିକା ପଲ୍ଲୀଶ୍ରୀ ନାୟକ, ମନୋଜ ରଥ ପ୍ରମୁଖ ଚାଲିଥିବା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ମାଝି, ବିଧାୟକ ସଦାଶିବ ପ୍ରଧାନୀଙ୍କ ସହ ଅନ୍ୟ ଅତିଥି।

# ଦେଶମାତୃକାର ସେବା କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

ନବରଙ୍ଗପୁର,୧୨।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ପକ୍ଷର ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏସ୍‌ପି ଡ. ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥି, ଜିଲା ରେଡକ୍ରସ ଆବାହକ ଦିଲୀପ କୁମାର ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିବେକାନନ୍ଦଙ୍କ ଜୀବନୀ ଓ ନୀତି ଆଦର୍ଶକୁ ଅନୁସରଣ କରି ଯୁବପିଢି ଦେଶ ମାତୃକାର ସେବା କରନ୍ତୁ ବୋଲି ମୁଖ୍ୟ ଅତିଥି କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଯୁବ ରେଡ୍‌କ୍ରସ୍ କାଉନସିଲର ନିର୍ମଳା ହିକ୍କା, ଇଂରାଜୀ ବିଭାଗ ଅଧ୍ୟାପିକା ରଜନୀ ମିଞ୍ଜି ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ହରିଶ ଚନ୍ଦ୍ର ଶବର ବିଚାରକ ଦାୟିତ୍ୱ ତୁଲାଇଥିଲେ। ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଶମ୍ଭୁ ପ୍ରସାଦ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ସଚିନ ପଣ୍ଡା, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଦୀପ୍ତ ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ସେହିଭଳି ମହିଳା ସ୍ନାତକ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ଯୋଗ ପ୍ରଶିକ୍ଷକ ଭୁବନ ହରିଜନଙ୍କ ଦ୍ୱାରା ଯୋଗ ପ୍ରାଣାୟାମର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ପରିସର ସଫେଇ ସାଙ୍ଗକୁ ସଡକ ସୁରକ୍ଷା ଶୋଭାଯାତ୍ରା କରାଯାଇଥିଲା। ହେଲ୍‌ମେଟ ପିନ୍ଧିଥିବା ଲୋକଙ୍କୁ ଚକୋଲାଟେ ପ୍ରଦାନ ପୂର୍ବକ ଉତ୍ସାହିତ କରାଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ସଂଯୋଜିକା ସଂଯୁକ୍ତା ପଣ୍ଡା, ଏନ୍‌ଏସ୍‌ଏସ୍ ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିନୋଦ ବିହାରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନୀତା ପାତ୍ର ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ନୃପେନ୍ଦ୍ରନାଥ ଖୋସ୍ଲା, ରଞ୍ଜୁଷା ପ୍ରହରାଜ, ଲକ୍ଷ୍ମୀକାନ୍ତ ସୌରାଙ୍କ ସମେତ ବହୁସଂଖ୍ୟାରେ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁଙ୍କ ପ୍ରେରଣାରେ କାର୍ଯ୍ୟକ୍ରମ ସଫଳ ହୋଇଛି।







ନବରଙ୍ଗପୁର କଲେଜ, ମହିଳା ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ଭୂମିକାକୁ ଗୁରୁତ୍ୱ ଦେଉଥିଲେ ବିବେକାନନ୍ଦ

ଝରିଗାଁ/କୋଡିଙ୍ଗା,୧୨।୧
(କିଶୋର ଚନ୍ଦ୍ର ମଣ୍ଡଳ/ସମରେନ୍ଦ୍ର ପଟ୍ଟନାୟକ)



ଝରିଗାଁରେ ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



କୋଡିଙ୍ଗାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ତଥା ଜାତୀୟ ଯୁବଦିବସ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି।

ଝରିଗାଁ ବ୍ଲକ ସଦରସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଥାନାଧିକାରୀ ତପନ କୁମାର ପତି ମୁଖ୍ୟ ଅତିଥି, ଅଧ୍ୟାପକ ଗୋପାଳ ମହାରଣା, ଶଙ୍କର ନାଲା, ସନ୍ତୋଷ ଖିଲାର, ଅଧ୍ୟାପିକା ତୁଷାରୀ ପଟ୍ଟନାୟକ ଏବଂ ଗ୍ରନ୍ଥାଗାରିକ ମନୋଜ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଭୂମିକାକୁ ସ୍ୱାମୀ ବିବେକାନନ୍ଦ ଗୁରୁତ୍ୱ ଦେଉଥିଲେ। ବିବେକାନନ୍ଦଙ୍କ ଚିନ୍ତାଧାରା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି। ବିଶ୍ୱକୁ ଜୟ କରିବା ପାଇଁ ବିବେକାନନ୍ଦଙ୍କ ଅସ୍ତ୍ର ଥିଲା ଶିକ୍ଷା ଏବଂ ଶାନ୍ତି। ସନାତନ ଧର୍ମ, ବେଦାନ୍ତ ଶାସ୍ତ୍ର ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତରେ ସେ ସୁପରିଚିତ କରାଇଥିଲେ ବୋଲି ଅତିଥିମାନେ କହିଛନ୍ତି। ପୂର୍ବରୁ ଆୟୋଜିତ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। କୋଷାଗୁମୁଡ଼ା ବ୍ଲକ କୋଡିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍, ରେଡ୍ ରିବନ କ୍ଲବ, ଏନ୍‌ଏସ୍‌ଏସ୍ ମିଳିତ ସହଯୋଗରେ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବଦିବସ ପାଳନ କରାଯାଇଛି। ସାମାଜିକ କର୍ମୀ କୁଞ୍ଜବିହାରୀ ଦାଶ ମୁଖ୍ୟ ଅତିଥି, ତ୍ରିପତି ପଟ୍ଟନାୟକ ମୁଖ୍ୟବକ୍ତା, ବିଶ୍ୱମୋହନ ତ୍ରିପାଠୀ, ବରିଷ୍ଠ ଖବରଦାତା ସମରେନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ ଡ. ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପାଧ୍ୟକ୍ଷ ବିବେକ କୁମାର ମହାଲିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୁବ ରେଡ୍‌କ୍ରସ୍ ସଂଯୋଜକ ଅଖିଳ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ଦେଶମାତୃକାର ସେବାରେ ବ୍ରତୀ ରହି ସନାତନ ଧର୍ମକୁ ସର୍ବତ୍ର ପରିଚିତ କରାଇ ବିବେକାନନ୍ଦ ବିଶ୍ୱ ବିଜୟୀ ହୋଇପାରିଛନ୍ତି ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ଖୋଲା ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଖିଳ କୁମାର ଭଞ୍ଜ ପରିଚାଳନା କରିଥିଲେ। ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ ଭୂମିକା, ନିଜ ଗ୍ରାମକୁ କିଭଳି ଏକ ଆଦର୍ଶ ଗ୍ରାମରେ ପରିଣତ କରିପାରିବେ ସେ ସମ୍ପର୍କରେ ସୁନ୍ଦର ପ୍ରସ୍ତାବ ରଖିଥିବା ଶୁଭଲକ୍ଷ୍ମୀ ମଙ୍ଗରାଜ, ସସ୍ମିତା ଦାଶ, ଘାସିରାମ ଗୌଡ଼, ଗୁପ୍ତ ଚୌଧୁରୀ, ପରି ଗରଡ଼ା, ଲକ୍ଷ୍ମୀପ୍ରିୟା ହରିଜନ, କଳ୍ପନା ନାୟକ ପ୍ରମୁଖ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ପଞ୍ଚାନନ ଦୁରିଆ ଧନ୍ୟବାଦ ଦେଇଥିଲେ।

